52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004 | Vol. : 45/ Issue : 281 | Brahmapur | Monday 23 November 2026 | ବର୍ଷ: ୪୫/ ଅଙ୍କ: ୨୮୧ | ସୋମବାର ୨୩ ନଭେମ୍ବର ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ୫.୫.୦୦

କଳିଙ୍ଗ ଘାଟିରେ ଗଡ଼ିଲା ଗାଡ଼ି

ଫୁଲବାଣୀ, ୨୨।୧୧ (ଆନିସ): ବାତ୍ୟା ଆକଭାନ ପ୍ରଭାବରେ କନ୍ଧମାଳ ଜିଲ୍ଲାର କଳିଙ୍ଗ ଘାଟି ରାସ୍ତାରେ ଲାଗୁ ହୋଇଥିବା ଯାନବାହନ ଚଳାଚଳ କଟକଣାକୁ ପ୍ରଶାସନ ପକ୍ଷରୁ ତୁରନ୍ତ ପ୍ରତ୍ୟାହାର କରିନିଆଯାଇଛି। ଫଳରେ ଆଜିଠାରୁ ଏହି ଗୁରୁତ୍ୱପୂର୍ଣ୍ଣ ଘାଟି ରାସ୍ତାରେ ସମସ୍ତ ପ୍ରକାରର ଯାନବାହନ ଚଳାଚଳ ପୁଣିଥରେ ସ୍ୱାଭାବିକ ହୋଇଛି। ପାଣିପାଗରେ ସୁଧାର ଆସିବା ପରେ ବିଭାଗୀୟ ଅଧିକାରୀମାନେ କଳିଙ୍ଗ ଘାଟି ରାସ୍ତାର ସୁରକ୍ଷା ସ୍ଥିତି ଯାଞ୍ଚ କରିଥିଲେ। ରାସ୍ତାଟି ଯାତାୟାତ ପାଇଁ ସମ୍ପୂର୍ଣ୍ଣ ନିରାପଦ ଥିବା ରିପୋର୍ଟ ମିଳିବା ପରେ କନ୍ଧମାଳ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ବେଦଭୂଷଣ ପୂର୍ବରୁ ଜାରି ହୋଇଥିବା କଟକଣା ନିର୍ଦ୍ଦେଶନାମାକୁ ରଦ୍ଦ କରିଛନ୍ତି।ସୂଚନାଯୋଗ୍ୟ ଯେ, ବାତ୍ୟା ଆକଭାନ ପାଇଁ ଗତ ୧୯ ତାରିଖରୁ କଳିଙ୍ଗ ଘାଟି ରାସ୍ତାରେ ସମସ୍ତ ମୋଟର ଯାନ ଚଳାଚଳ ବନ୍ଦ ରଖାଯାଇଥିଲା। ତେବେ କଟକଣା ହଟିବା ପରେ ରାସ୍ତାରୁ ତୁରନ୍ତ ବ୍ୟାରିକେଡ୍ ହଟାଇ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଗମ କରିବାକୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଜାତୀୟ ରାଜପଥ ବିଭାଗ, ଉପ-ଜିଲ୍ଲାପାଳ, ତହସିଲଦାର ଏବଂ ସ୍ଥାନୀୟ ପୋଲିସ ପ୍ରଶାସନକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ବାତ୍ୟା କ୍ଷତି ଦେଖିବେ ମୁଖ୍ୟମନ୍ତ୍ରୀ

ଆଜି ଗଞ୍ଜାମ ଆସିବେ

ପୁରୁଷୋତ୍ତମପୁରରୁ ଛତ୍ରପୁର ଯାଏଁ କରିବେ କ୍ଷୟକ୍ଷତିର ଅନୁଧ୍ୟାନ



ଗଞ୍ଜାମ, ୨୨।୧୧: ବାତ୍ୟା ଓ ପ୍ରବଳ ବର୍ଷାରେ ଗଞ୍ଜାମ ଜିଲ୍ଲାରେ ହୋଇଥିବା କ୍ଷୟକ୍ଷତିର ବାସ୍ତବ ଚିତ୍ର ଦେଖିବାକୁ ଆସନ୍ତାକାଲି ଜିଲ୍ଲା ଗସ୍ତ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବାତ୍ୟା ପ୍ରଭାବରେ ଘରଦ୍ୱାର, ଚାଷଜମି ଓ ଅନ୍ୟାନ୍ୟ ସମ୍ପତ୍ତିର କ୍ଷୟକ୍ଷତି ହୋଇଥିବାବେଳେ ଏହାର ଆକଳନ ସହ ପ୍ରଭାବିତ ଲୋକଙ୍କ ସମସ୍ୟା ସମ୍ପର୍କରେ ସେ ସିଧାସଳଖ ଅବଗତ ହେବେ। ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଗସ୍ତ କରିବେ। ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି। ଗସ୍ତ କାର୍ଯ୍ୟସୂଚୀ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ପ୍ରଥମେ ପୁରୁଷୋତ୍ତମପୁର ଅଞ୍ଚଳ ପରିଦର୍ଶନ କରିବେ। ସେଠାରେ ବାତ୍ୟା ଓ ଲଗାଣ ବର୍ଷାରେ ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ପରେ ଛତ୍ରପୁର ଯିବେ। ଉଭୟ ଅଞ୍ଚଳରେ କ୍ଷୟକ୍ଷତିର ପରିମାଣ, ଲୋକଙ୍କ ଜୀବନଜୀବିକା ଉପରେ ପଡ଼ିଥିବା ପ୍ରଭାବ ଓ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସେ ତଥ୍ୟ ସଂଗ୍ରହ କରିବେ। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବାତ୍ୟା ପରବର୍ତ୍ତୀ ସ୍ଥିତି କିପରି ରହିଛି, ତାହା ମଧ୍ୟ ଗୁରୁତ୍ୱ ପାଇବେ। ବାତ୍ୟା ଓ ପ୍ରବଳ ବର୍ଷା ଯୋଗୁଁ ଅନେକ ସ୍ଥାନରେ ଘରଦ୍ୱାର, ଚାଷଜମି ଓ ଅନ୍ୟାନ୍ୟ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ବିଶେଷକରି ଚାଷୀଙ୍କ ଫସଲ ନଷ୍ଟ ହେବା ସହ ଗ୍ରାମାଞ୍ଚଳରେ ଘରବାଡ଼ି ଓ ଅନ୍ୟାନ୍ୟ ସମ୍ପତ୍ତିର କ୍ଷତି ହୋଇଥିବା ଆଶଙ୍କା ରହିଛି। ମୁଖ୍ୟମନ୍ତ୍ରୀ ନିଜେ ପ୍ରଭାବିତ ଅଞ୍ଚଳ ବୁଲି ଦେଖିବା ସହ କ୍ଷତିଗ୍ରସ୍ତ ଲୋକଙ୍କ ସ୍ଥିତି ଅନୁଧ୍ୟାନ କରିବେ। କେବଳ ସରକାରୀ ରିପୋର୍ଟ ନୁହେଁ, ଘଟଣାସ୍ଥଳର ବାସ୍ତବ ସ୍ଥିତି ଆଧାରରେ କ୍ଷୟକ୍ଷତିର ଚିତ୍ର ସ୍ପଷ୍ଟ କରିବା ଉପରେ ଗୁରୁତ୍ୱ ରହିବ। କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ ପରେ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ଜିଲ୍ଲା ଓ ବିଭାଗୀୟ ଅଧିକାରୀଙ୍କ ସହ ବୈଠକ କରିବେ। ବାତ୍ୟା ପରେ ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ କେତେ ଦୂର ଆଗେଇଛି, ତାହାର ସମୀକ୍ଷା କରାଯିବ।

ପ୍ରଭାବିତ ଲୋକଙ୍କ ପାଖରେ ଆବଶ୍ୟକ ସହାୟତା ପହଞ୍ଚିଛି କି ନାହିଁ, କ୍ଷତିର ଠିକ୍ ଆକଳନ ହୋଇଛି କି ନାହିଁ ଏବଂ ଆଗକୁ କେଉଁ ପଦକ୍ଷେପ ନେବା ଆବଶ୍ୟକ, ସେ ନେଇ ଆଲୋଚନା ହେବ। ବାତ୍ୟାର ପ୍ରଭାବ ହ୍ରାସ ପାଇଥିଲେ ମଧ୍ୟ କ୍ଷତିଗ୍ରସ୍ତ ପରିବାରଙ୍କ ସମସ୍ୟା ଏବେ ମଧ୍ୟ ରହିଛି। ଘର ମରାମତି, ଫସଲ କ୍ଷତି ଓ ଜୀବିକା ସମ୍ବନ୍ଧୀୟ ଅସୁବିଧା ଭୋଗୁଥିବା ଲୋକଙ୍କ ନଜର ଏବେ ସରକାରୀ ସହାୟତା ଉପରେ। ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ ପରେ କ୍ଷୟକ୍ଷତି ଆକଳନ ଓ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଆଶା ରହିଛି। ତେବେ ପ୍ରଭାବିତ ଲୋକଙ୍କୁ କେତେ ଶୀଘ୍ର ଓ କେତେ ପରିମାଣରେ ସହାୟତା ମିଳୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ।

୬ ଡିଗ୍ରୀ ଖସିବ ପାରଦ

ଭୁବନେଶ୍ୱର, ୨୨।୧୧: ବାତ୍ୟାର ପ୍ରଭାବ କମିବା ପରେ ଏବେ ଓଡ଼ିଶାକୁ ଫେରୁଛି ଶୀତର ଲହରୀ। ନଭେମ୍ବର ମାସରେ ବାତ୍ୟା 'ଅକଭାନ୍' ପାଇଁ ପାଗରେ ଦେଖାଦେଇଥିବା ପରିବର୍ତ୍ତନ ଧୀରେ ଧୀରେ ସ୍ୱାଭାବିକ ହେଉଥିବା ବେଳେ ଆଗାମୀ ଦିନରେ ରାଜ୍ୟରେ ଶୀତର ପ୍ରକୋପ ବଢ଼ିବାକୁ ଯାଉଛି। ଆସନ୍ତା ୪ ଦିନ ମଧ୍ୟରେ ରାତି ତାପମାତ୍ରା ୪ରୁ ୬ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଏହାର ପ୍ରଭାବରେ ରାତି ଅଧିକ ଥଣ୍ଡା ହେବା ସହ ସକାଳୁ ସକାଳୁ ଶୀତ ଓ କୁହୁଡ଼ି ଅନୁଭୂତ ହେବ। ଶୀତ ବଢ଼ିବା ସହ ଘନ କୁହୁଡ଼ିକୁ ନେଇ ମଧ୍ୟ ପାଣିପାଗ ବିଭାଗ ସତର୍କ କରିଛି। ସମ୍ବଲପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘନ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ରବିବାର ମଧ୍ୟ ଭୁବନେଶ୍ୱର, ଗୋପାଳପୁର ଓ ଝାରସୁଗୁଡ଼ାର କେତେକ ସ୍ଥାନରେ ଘନ କୁହୁଡ଼ି ଦେଖାଦେଇଥିବା ବେଳେ କେନ୍ଦୁଝରର କିଛି ଅଞ୍ଚଳରେ ହାଲୁକା କୁହୁଡ଼ି ଅନୁଭୂତ ହୋଇଥିଲା। ଆଗାମୀ କିଛି ଦିନ ସକାଳ ସମୟରେ କୁହୁଡ଼ି ଯୋଗୁଁ ରାସ୍ତାରେ ଦୃଶ୍ୟମାନତା କମିବା ଆଶଙ୍କା ରହିଛି।

ନବୀନଙ୍କ ବିଦେଶ ଯାତ୍ରାର ତଦନ୍ତକୁ ନେଇ ବିଜେଡି-ବିଜେପି ମୁହାଁମୁହିଁ

ଭୁବନେଶ୍ୱର, ୨୨।୧୧: ନବୀନଙ୍କ ବିଦେଶ ଯାତ୍ରାକୁ ନେଇ ଖୋଲିବ କି ପୁରୁଣା ଫାଇଲ୍ କେଉଁ ଉଦ୍ଦେଶ୍ୟରେ ହୋଇଥିଲା ବିଦେଶ ଗସ୍ତ, କେତେ ଖର୍ଚ୍ଚ ହୋଇଥିଲା ସରକାରୀ ଅର୍ଥ ଏବଂ କାହା ଅନୁମତିରେ ହୋଇଥିଲା ଯାତ୍ରା ଏଭଳି ଅନେକ ପ୍ରଶ୍ନକୁ ନେଇ ଏବେ ଓଡ଼ିଶା ରାଜନୀତିରେ ଝଡ଼। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ଆଇଏଏସ୍ ଅଧିକାରୀ ଭି.କେ. ପାଣ୍ଡିଆନ୍ ଓ ଆଇପିଏସ୍ ଅଧିକାରୀ ରବିକାନ୍ତଙ୍କ ବିଦେଶ ଗସ୍ତର ତଦନ୍ତ ପାଇଁ ମୋହନ ସରକାର ନିର୍ଦ୍ଦେଶ ଦେବା ପରେ ରାଜନୈତିକ ମାହୋଲ ଗରମ ହୋଇଛି। ବିଜେଡି ତଦନ୍ତକୁ ସ୍ୱାଗତ କରିଥିବା ବେଳେ ମୋହନ ମାଝୀଙ୍କ ସମେତ ତାଙ୍କ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀଙ୍କ ବିଦେଶ ଗସ୍ତର ମଧ୍ୟ ତଦନ୍ତ ଦାବି କରିଛି। ଅନ୍ୟପଟେ ବିଜେପି ସଭାପତି ମନମୋହନ ସାମଲ ପାଲଟା ପ୍ରଶ୍ନ କରିଛନ୍ତି, ତଦନ୍ତକୁ ନେଇ ବିଜେଡି ଏତେ ଭୟଭୀତ କାହିଁକି ? ବିଜେଡି ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି, ତଦନ୍ତକୁ ନେଇ ଦଳର କୌଣସି ଆପତ୍ତି ନାହିଁ। ଲୋକଙ୍କର ସବୁ କଥା ଜାଣିବାର ଅଧିକାର ରହିଛି। ବିଜେଡି ସବୁବେଳେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦେଇଆସିଛି। ତେଣୁ ଯଦି ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିଦେଶ ଗସ୍ତର ତଦନ୍ତ ହେଉଛି, ତେବେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ତାଙ୍କ କ୍ୟାବିନେଟ୍ ସହଯୋଗୀ ଏବଂ ବରିଷ୍ଠ ସରକାରୀ ଅଧିକାରୀଙ୍କ ବିଦେଶ ଯାତ୍ରାର ମଧ୍ୟ ଯାଞ୍ଚ ହେବା ଦରକାର। ବିଜେଡିର ଯୁକ୍ତି ହେଉଛି, ସ୍ୱଚ୍ଛତାର ମାପକାଠି କେବଳ ପୂର୍ବ ସରକାର ପାଇଁ ନୁହେଁ, ବର୍ତ୍ତମାନର ସରକାର ପାଇଁ ମଧ୍ୟ ସମାନ ହେବା ଉଚିତ। ଗୋଟିଏ ସରକାରର ଗସ୍ତ ଯାଞ୍ଚ ହେବ ଏବଂ ଅନ୍ୟ ସରକାରର ଗସ୍ତ ଯାଞ୍ଚରୁ ବାଦ୍ ପଡ଼ିବ, ଏଭଳି ଦୁଇ ପ୍ରକାର ନୀତି ଗ୍ରହଣୀୟ ନୁହେଁ ବୋଲି ଦଳ କହିଛି। ଏହାକୁ କେବଳ ବିଦେଶ ଯାତ୍ରା ଭାବେ ଦେଖିବା ଠିକ୍ ନୁହେଁ। ଅନ୍ୟପଟେ ବିଭିନ୍ନ ସାମାଜିକ କର୍ମୀଙ୍କ ଅଭିଯୋଗ ଓ ଆର୍ଟିଆଇରୁ ମିଳିଥିବା ତଥ୍ୟ ଆଧାରରେ ଗସ୍ତର ଖର୍ଚ୍ଚ ଓ ବିବରଣୀକୁ ନେଇ ପ୍ରଶ୍ନ ଉଠିଛି। ଏହି ପ୍ରଶ୍ନଗୁଡ଼ିକର ସ୍ପଷ୍ଟ ଉତ୍ତର ତଦନ୍ତରୁ ହିଁ ମିଳିପାରିବ। ବିଜେଡିର ଜବାବ ପରେ ମୁହଁ ଖୋଲିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ତଦନ୍ତକୁ ନେଇ ବିଜେଡିର ପ୍ରତିକ୍ରିୟା ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ଅଭିଯୋଗ ଆସିଲେ ତଦନ୍ତ ହେବ, ଏଥିରେ ଅସୁବିଧା କଣ ବୋଲି ସେ ପଚାରିଛନ୍ତି।

ଚାଉଳ ରପ୍ତାନୀ ଉପରେ ଲାଗିବ ୩୦% ଶୁଳ୍କ

ନୂଆଦିଲ୍ଲୀ, ୨୨।୧୧: ଦିନକୁ ଦିନ ବଢ଼ୁଛି ଚାଉଳ ଦର। ଖାଉଟିଙ୍କ ରୋଷେଇ ଘରର ଖର୍ଚ୍ଚ



ବଢ଼ିବା ସହ ସାଧାରଣ ପରିବାରର ବଜେଟ୍ ଉପରେ ପଡ଼ୁଛି ଚାପ। ଏଭଳି ସ୍ଥିତିରେ ଚାଉଳ ଦରକୁ ନିୟନ୍ତ୍ରଣ କରିବା ପାଇଁ ଅଣବାସୁମତୀ ଚାଉଳ ରପ୍ତାନୀ ଉପରେ କଟକଣା ଲଗାଇବାକୁ ବିଚାର କରୁଛନ୍ତି କେନ୍ଦ୍ର ସରକାର। ପ୍ରଥମ ପର୍ଯ୍ୟାୟରେ ରପ୍ତାନୀ ଉପରେ ୨୦ରୁ ୩୦ ପ୍ରତିଶତ ଶୁଳ୍କ ଲଗାଇବା ନେଇ ଯୋଜନା ଚାଲିଥିବା ସୂଚନା ମିଳିଛି। ଏଥିରେ ମଧ୍ୟ ଦର ନିୟନ୍ତ୍ରଣକୁ ନ ଆସିଲେ ସାମୟିକ ଭାବେ ରପ୍ତାନୀ ବନ୍ଦ କରିବା ଭଳି କଠୋର ପଦକ୍ଷେପ ନେଇପାରେ କେନ୍ଦ୍ର। ଚାଉଳ ଦରବୃଦ୍ଧି ଏବେ ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଗତ ଅକ୍ଟୋବରରେ ଚାଉଳ ଦରବୃଦ୍ଧି ହାର ୧୨.୫୧ ପ୍ରତିଶତରେ ପହଞ୍ଚିଥିବାବେଳେ ଦେଶର ଖୁଚୁରା ବଜାରରେ ଚାଉଳ ଦର ଗତବର୍ଷ ତୁଳନାରେ ୧୧ ପ୍ରତିଶତରୁ ଅଧିକ ବଢ଼ିଛି। ଏହାର ସିଧାସଳଖ ପ୍ରଭାବ ସାଧାରଣ ଖାଉଟିଙ୍କ ଉପରେ ପଡ଼ୁଛି। ଦୈନନ୍ଦିନ ଖାଦ୍ୟ ତାଲିକାରେ ଚାଉଳର ଗୁରୁତ୍ୱ ଥିବାରୁ ଏହାର ଦର ବଢ଼ିବା ଘରୋଇ ବଜେଟ୍‌କୁ ବିଗାଡ଼ି ଦେଉଛି। ତେଣୁ ଘରୋଇ ବଜାରରେ ଚାଉଳର ଉପଲବ୍ଧତା ବଢ଼ାଇ ଦର ନିୟନ୍ତ୍ରଣ କରିବାକୁ ସରକାର ଚାହୁଁଛନ୍ତି। ଅଣବାସୁମତୀ ଚାଉଳ ଦେଶ ବାହାରକୁ ଅଧିକ ପରିମାଣରେ ରପ୍ତାନୀ ହେଲେ ଘରୋଇ ବଜାରରେ ଯୋଗାଣ ଉପରେ ଚାପ ପଡ଼ିପାରେ। ଏହାକୁ ଦୃଷ୍ଟିରେ ରଖି ରପ୍ତାନୀ ଉପରେ ୨୦ରୁ ୩୦ ପ୍ରତିଶତ ଶୁଳ୍କ ଲଗାଇବାକୁ ବିଚାର କରାଯାଉଛି। ଏଭଳି ଶୁଳ୍କ ଲାଗୁ ହେଲେ ରପ୍ତାନୀ ଖର୍ଚ୍ଚ ବଢ଼ିବ ଏବଂ ବିଦେଶୀ ବଜାରକୁ ଚାଉଳ ପଠାଇବା କିଛି ମାତ୍ରାରେ ନିରୁତ୍ସାହିତ ହୋଇପାରେ। ଫଳରେ ଘରୋଇ ବଜାରରେ ଅଧିକ ଚାଉଳ ଉପଲବ୍ଧ ହେବା ସହ ଦର ଉପରେ ଚାପ କମିବ ବୋଲି ଆଶା କରାଯାଉଛି। ପୂର୍ବରୁ ୨୦୨୩ରେ ଚାଉଳ ରପ୍ତାନୀ ଉପରେ କଟକଣା ଲଗାଯାଇଥିଲା, ଯାହା ପ୍ରାୟ ୧୪ ମାସ ଧରି ଜାରି ରହିଥିଲା। କିନ୍ତୁ ଏଥର ସରକାର ତୁରନ୍ତ ସମ୍ପୂର୍ଣ୍ଣ ରପ୍ତାନୀ ବନ୍ଦ କରିବା ସପକ୍ଷରେ ନଥିବା ଜଣାପଡ଼ିଛି। ବରଂ ଘରୋଇ ବଜାରର ଦର ସ୍ଥିତିକୁ ଦେଖି ପର୍ଯ୍ୟାୟକ୍ରମେ ପଦକ୍ଷେପ ନେବାକୁ ଯୋଜନା ରହିଛି। ଆବଶ୍ୟକ ପଡ଼ିଲେ ଅଧିକ କଠୋର କଟକଣା ଲାଗୁ କରାଯାଇପାରେ। କେବଳ ରପ୍ତାନୀ କଟକଣା ନୁହେଁ, ଘରୋଇ ବଜାରରେ ଚାଉଳ ଯୋଗାଣ ବଢ଼ାଇବା ପାଇଁ ଖୋଲା ବଜାରରେ ସରକାରୀ ବିକ୍ରି ବଢ଼ାଇବାକୁ ମଧ୍ୟ ଯୋଜନା ରହିଛି। ଏହା ସହ 'ଭାରତ ଚାଉଳ' ଯୋଜନା ଜରିଆରେ ଖାଉଟିଙ୍କୁ ତୁଳନାତ୍ମକ ଶସ୍ତା ଦରରେ ଚାଉଳ ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହାଦ୍ୱାରା ବଜାରରେ ଯୋଗାଣ ବଢ଼ିବା ସହ ଦରବୃଦ୍ଧିକୁ ରୋକାଯାଇପାରିବ ବୋଲି ଆଶା। ତେବେ ଚାଉଳ ଦର ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର କେଉଁ ପଦକ୍ଷେପକୁ ପ୍ରଥମେ ଲାଗୁ କରୁଛନ୍ତି, ଏବେ ତାହା ଉପରେ ଖାଉଟିଙ୍କ ନଜର।

ବିବାହ କରିପାରିବେ କାର୍ଯ୍ୟରତ ଅଗ୍ନିବୀର

ନୂଆଦିଲ୍ଲୀ,୨୨।୧୧: ଅଗ୍ନିପଥ ଯୋଜନାରେ ନିଯୁକ୍ତି ପାଇଥିବା ଅଗ୍ନିବୀରମାନଙ୍କ ପାଇଁ ସରକାର ବିବାହ ନିୟମରେ ଏକ ବଡ଼ ପରିବର୍ତ୍ତନ କରିଛନ୍ତି। ପୂର୍ବରୁ ଅଗ୍ନିବୀର ଭାବରେ ସେବା କରୁଥିବା ସମୟରେ ବିବାହକୁ ଅନୁମତି ଦିଆଯାଉ ନଥିଲା। କିନ୍ତୁ ବର୍ତ୍ତମାନ ଦୁଇ ବର୍ଷର ଏକ୍ସଟେନ୍ସନ୍ ପାଉଥିବା ଅଗ୍ନିବୀରମାନଙ୍କୁ ବିବାହ କରିବାକୁ ଅନୁମତି ଦିଆଯିବ। କିନ୍ତୁ ସେମାନେ ସେମାନଙ୍କର ତାଲିମ ସମାପ୍ତ କରିବା ପରେ ହିଁ ଏହା କରିପାରିବେ। ଏହାକୁ 'ଦ୍ୱିତୀୟ ଡ୍ୟୁଟି ଟୁର୍' କୁହାଯାଇଥାଏ। ଏହା ଅଗ୍ନିବୀରଙ୍କ ପରିବାର ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣିଛି। ପୂର୍ବରୁ ନିୟମ ଥିଲା ଯେ, ନିଯୁକ୍ତି ସମୟରେ ଅଗ୍ନିବୀରମାନେ ଅବିବାହିତ ରହିବା ଆବଶ୍ୟକ। ଏହା ବ୍ୟତୀତ, ସେମାନେ ସେମାନଙ୍କ ସେବା ସମୟରେ ବିବାହ କରିପାରିବେ ନାହିଁ। ପୂର୍ବରୁ, ନିଯୁକ୍ତି କେବଳ ଚାରି ବର୍ଷ ପାଇଁ ଥିଲା। କିନ୍ତୁ, ବର୍ତ୍ତମାନ ସେବାରେ ବୃଦ୍ଧି ପାଉଥିବା ଅଗ୍ନିବୀରମାନଙ୍କୁ ପ୍ରାୟ ଗୋଟିଏ ମାସର ଛୁଟି ପ୍ରଦାନ କରାଯାଉଥିଲା, କିନ୍ତୁ, ବୃଦ୍ଧି ପରେ, ସେମାନେ ପ୍ରତିବର୍ଷ ୯୦ ଦିନ ଛୁଟି ପାଇପାରିବେ।

ଦୁର୍ଘଟଣାରେ ପରିବାରର ୯ ମୃତ

ଜୟପୁର, ୨୨।୧୧ : ଭୟଙ୍କର ଦୁର୍ଘଟଣା । ଟ୍ରକକୁ ଧକ୍କା ଦେଲା ମିନି ବସ୍ । ଗୋଟିଏ ପରିବାରର ୯ ମୃତ । ଏହାସହ ଅନ୍ୟ ୬ ଜଣ ଆହତ ହୋଇଥିବା ସୂଚନା ମିଳିଛି । ଏପରି ଅଭାବନୀୟ ଘଟଣା ଘଟିଛି ରାଜସ୍ଥାନର କୋଟା-ଉଦୟପୁର ଜାତୀୟ ରାଜପଥରେ । ସମସ୍ତ ଯାତ୍ରୀ ମନ୍ଦିରରୁ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି । ରିପୋର୍ଟ ଅନୁସାରେ, ନାତା ଥାନା ଅନ୍ତର୍ଗତ ସମ୍ଲୁପୁରା ଗ୍ରାମରେ ଦୁର୍ଘଟଣା ଘଟିଛି । ଏଥିରେ ଶିଶୁଙ୍କ ସମେତ ୯ ଜଣ ପ୍ରାଣ ହରାଇଛନ୍ତି । ସମସ୍ତ ମୃତକ ଗୋଟିଏ ପରିବାରର ବୋଲି ଜଣା ପଡିଛି । ଏହା ବ୍ୟତୀତ ଗାଡିରେ ଥିବା ଅନ୍ୟ ୬ ଜଣ ଗୁରୁତର ହୋଇ ପଡିଛନ୍ତି । ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । କୁହାଯାଉଛି ଯେ, ମିନି ବସରେ ଥିବା ସମସ୍ତ ଯାତ୍ରୀ ଖାଟୁଶ୍ୟାମଙ୍କ ଦର୍ଶନ ସାରି ଫେରୁଥିଲେ ।

୩୪୮ କୋଟିରେ ଭୁବନେଶ୍ୱରରେ ହେବ ୯ ମହଲା ରାଜସ୍ୱ ଭବନ

ଭୁବନେଶ୍ୱର: ରାଜଧାନୀ ଭୁବନେଶ୍ୱରରେ ନିର୍ମାଣ ହେବ ଏକ ଅତ୍ୟାଧୁନିକ ବହୁତଳ ରାଜସ୍ୱ ଭବନ। ଏଥିପାଇଁ ୩୪୭.୮୬ କୋଟି ଟଙ୍କା ବ୍ୟୟ ହେବ। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି। ନୂତନ ଭବନ ନିର୍ମାଣ ହେବା ପରେ ରାଜସ୍ୱ ବିଭାଗର ବିଭିନ୍ନ ପ୍ରଶାସନିକ କାର୍ଯ୍ୟ ଗୋଟିଏ ସ୍ଥାନରୁ ପରିଚାଳିତ ହୋଇପାରିବ। ଏହାଦ୍ୱାରା ବିଭାଗୀୟ କାର୍ଯ୍ୟରେ ସମନ୍ୱୟ ଆସିବା ସହ ରାଜସ୍ୱ ଆଦାୟ ପ୍ରକ୍ରିୟା ଅଧିକ ସୁବ୍ୟବସ୍ଥିତ ହେବ ବୋଲି ସରକାର ଆଶା ରଖିଛନ୍ତି। ରାଜଧାନୀରେ ନିର୍ମାଣ ହେବାକୁ ଥିବା ଏହି ରାଜସ୍ୱ ଭବନ ପାଇଁ ମୋଟ ୩୪୭.୮୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରି ଦେବା ପରେ ଏହାର ନିର୍ମାଣ ପାଇଁ ପଥ ପରିଷ୍କାର ହୋଇଛି। ଅତ୍ୟାଧୁନିକ ଭିତ୍ତିଭୂମି ଓ ଆବଶ୍ୟକୀୟ ପ୍ରଶାସନିକ ସୁବିଧା ସହ ଏହି ଭବନ ନିର୍ମାଣ କରାଯିବ। ପ୍ରସ୍ତାବିତ ରାଜସ୍ୱ ଭବନରେ ୯ଟି ମହଲା ସହ ଗୋଟିଏ ଭୂମିତଳ ଓ ଦୁଇଟି ଭୂତଳ ରହିବ। ଏହି ବିଶାଳ କୋଠାରେ ରାଜସ୍ୱ ବିଭାଗର ବିଭିନ୍ନ ପ୍ରଶାସନିକ ବ୍ୟବସ୍ଥା ପାଇଁ ଆବଶ୍ୟକ ସୁବିଧା ଉପଲବ୍ଧ ହେବ। ଏକାଧିକ କାର୍ଯ୍ୟାଳୟକୁ ଗୋଟିଏ ଛାତ ତଳେ ଆଣିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ବର୍ତ୍ତମାନ ରାଜସ୍ୱ ବିଭାଗର ବିଭିନ୍ନ ପ୍ରଶାସନିକ କାର୍ଯ୍ୟାଳୟ ଭିନ୍ନ ଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବାରୁ ସମନ୍ୱୟ ଓ କାର୍ଯ୍ୟ ପରିଚାଳନାରେ ଅସୁବିଧା ହେଉଥିବା ସମ୍ଭାବନା ରହିଛି।

ଭାରତ ବିରୋଧରେ ଚୀନ୍-ପାକିସ୍ତାନ ସାମରିକ ମେଣ୍ଟ ନେଇ ଆମେରିକାର ଚେତାବନୀ

ନୂଆଦିଲ୍ଲୀ,୨୨।୧୧: ବନ୍ଧୁତାର ହାତ ବଢ଼ାଇ

କନ୍ଧମାଳରେ ବାତ୍ୟା 'ଅର୍ଣ୍ଣବ' ସହାୟତା ବଣ୍ଟନ ଜାରି

୬୨,୮୫୬ ପରିବାର ଉପକୃତ

ଫୁଲବାଣୀ –୨୧/୧୧(ଆନିସ): କନ୍ଧମାଳ ଜିଲ୍ଲାରେ ଆକ୍‌ଭାନ୍ ବାତ୍ୟା 'ଅର୍ଣ୍ଣବ-୨୦୨୬' କ୍ଷତିଗ୍ରସ୍ତ ପରିବାରଙ୍କୁ ରିଲିଫ୍ ସହାୟତା ବଣ୍ଟନ ଜାରି ରହିଛି। ବାତ୍ୟାର ମୁକାବିଲା ଓ ଜରୁରୀକାଳୀନ ପରିଚାଳନା କାର୍ଯ୍ୟରେ ଜିଲ୍ଲାର ଅଧିକାରୀମାନେ ଗତ ଦୁଇଦିନ ଧରି ବ୍ୟସ୍ତ ରହିଥିବାରୁ ସହାୟତା ବଣ୍ଟନ କାର୍ଯ୍ୟ ସାମୟିକ ଭାବେ ବନ୍ଦ ରହିଥିଲା। ପରିସ୍ଥିତି ସ୍ୱାଭାବିକ ହେବା ପରେ ପୁନର୍ବାର ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଛି।୨୧ ନଭେମ୍ବର ୨୦୨୬ ସୁଦ୍ଧା ଜିଲ୍ଲାରେ



୬୨,୮୫୬ଟି ପରିବାରଙ୍କୁ ୧୫ କୋଟି ୭୧ ଲକ୍ଷ ୪୦ ହଜାର ଟଙ୍କା। ବଣ୍ଟନ କରାଯାଇଛି। ଜିଲ୍ଲାର ସମସ୍ତ ବ୍ଲକ୍ ଓ ସହରାଞ୍ଚଳରେ ଅବଶିଷ୍ଟ ଯୋଗ୍ୟ ପରିବାରଙ୍କୁ ଯଥାଶୀଘ୍ର ସହାୟତା ପହଞ୍ଚାଇବା ସହ ବଣ୍ଟନ କାର୍ଯ୍ୟ ଶୀଘ୍ର ସମାପ୍ତ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

କୃଷି ସହାୟତା ରାଶିରେ ୨୭ ଲକ୍ଷର ଅନିୟମିତତା ଅଭିଯୋଗ

ବରୀ ତହସିଲଦାରଙ୍କ ଥାନାରେ ଏତଲା, ୨୩.୫୧ ଲକ୍ଷ ଟଙ୍କା ଫେରିଲା ଆଉ ୩.୭୭ ଲକ୍ଷ ବାକି

ଯାଜପୁର, ୨୨।୧୧ (ଆନିସ) : ଚଳିତ ବର୍ଷ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଯାଜପୁର ଜିଲ୍ଲାରେ ୮ ଥର ବନ୍ୟା ହୋଇଥିବାରୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଜିଲ୍ଲା ପ୍ରଶାସନର ଆକଳନ ଅନୁସାରେ, ଜିଲ୍ଲାର ସମସ୍ତ ବ୍ଲକ୍‌ର ୧୧୭ ପଞ୍ଚାୟତ ଅନ୍ତର୍ଗତ ୩୪୫ ଗ୍ରାମର ପ୍ରାୟ ୪ ଲକ୍ଷ ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବାବେଳେ ପ୍ରାୟ ୨୦ ହଜାର ହେକ୍ଟର ଚାଷଜମି ନଷ୍ଟ ହୋଇଛି। ଦଶରଥପୁର, ବରୀ ଓ ବିଞ୍ଝାରପୁର ବ୍ଲକ୍‌ରେ ବନ୍ୟା ପରିସ୍ଥିତି ଚାଷୀଙ୍କ ଜୀବନ ଓ ଜୀବିକାକୁ ବିଶେଷ ଭାବେ ପ୍ରଭାବିତ କରିଛି।

ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ କୃଷି ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରାଯାଇଥିବାବେଳେ ବରୀ ବ୍ଲକ୍‌ରେ ଏହି ସହାୟତା ରାଶି ବଣ୍ଟନକୁ ନେଇ ୨୭,୨୯,୦୫୫ ଟଙ୍କାର ଠକେଇ ହୋଇଥିବା ଅଭିଯୋଗ ଆସିଛି। ଏ ସଂକ୍ରାନ୍ତରେ ବରୀ ତହସିଲଦାର ଦୀପ୍ତିମୟୀ ବେହେରା ନିଜେ ବରୀ-ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ୪୫୩/୨୦୨୬ ନମ୍ବରରେ ମାମଲା ରୁଜୁ ହୋଇଥିବାବେଳେ ଏହାର ତଦନ୍ତ ଦାୟିତ୍ୱ ସବ୍‌ଇନ୍ସପେକ୍ଟର ବଦ୍ରିଶଙ୍କର ଷେଣ୍ଡଙ୍କୁ ଦିଆଯାଇଛି।ଅଭିଯୋଗ ଅନୁଯାୟୀ, ୨୦୨୬ ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ କୃଷି ଇନ୍‌ପୁଟ୍ ସବ୍‌ସିଡି ବଣ୍ଟନରେ ପ୍ରତୀକ କୁମାର ବେହେରାଙ୍କ ସମ୍ପୃକ୍ତି ରହିଛି। ସରକାରୀ ଅର୍ଥର ଅପବ୍ୟବହାର ଓ ଜାଲିଆତିପୂର୍ଣ୍ଣ ଭାବେ ସହାୟତା ରାଶି ବଣ୍ଟନ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହାଦ୍ୱାରା ସରକାରୀ ରାଜକୋଷର କ୍ଷତି ସହ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀମାନେ ନିଜର ପ୍ରାପ୍ୟ ସହାୟତାରୁ ବଞ୍ଚିତ ହୋଇଥିବା କୁହାଯାଇଛି।ଏହି ଅନିୟମିତତା ସଂକ୍ରାନ୍ତ ଅର୍ଥରୁ ସମ୍ପୃକ୍ତ ବ୍ୟାଙ୍କ ଏବଂ ଯାଜପୁର ଏଲ୍‌ଡିଏମ୍‌ଙ୍କ ସହଯୋଗରେ ୨୩,୫୧,୯୨୦ ଟଙ୍କା ଆଦାୟ କରାଯାଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ତେବେ ଆଉ



ଦୁଇଟି ଆକାଉଣ୍ଟରେ ଥିବା ୩,୭୭,୯୨୦ ଟଙ୍କା ଏପର୍ଯ୍ୟନ୍ତ ଅଭିଯୁକ୍ତ ବେହେରାଙ୍କଠାରୁ ଫେରାଇ ଅଣାଯାଇ ପାରିନଥିବା ଜଣାପଡ଼ିଛି।ବନ୍ୟାରେ ବରୀ ବ୍ଲକ୍ ସର୍ବାଧିକ ପ୍ରଭାବିତ ଅଞ୍ଚଳ ମଧ୍ୟରେ ରହିଥିବାବେଳେ ଏଠାକାର ପ୍ରାୟ ୭୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। ଏଭଳି ସ୍ଥିତିରେ ବନ୍ୟା କ୍ଷତିଗ୍ରସ୍ତ ଚାଷୀମାନେ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଥିବାବେଳେ ବରୀ ତହସିଲର କିଛି ଅସାଧୁ କର୍ମଚାରୀ ନିଜ ପତ୍ନୀ ଓ ଆତ୍ମୀୟଙ୍କ ନାମରେ ସହାୟତା ରାଶି ଜମା କରାଇଥିବା ଅଭିଯୋଗ ହୋଇଛି।

ଜନଗଣନା କାର୍ଯ୍ୟରେ ନିୟୋଜିତ ପ୍ରତୀକ ବେହେରା ବନ୍ୟା ସମୟରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ସମ୍ପର୍କିତ କାର୍ଯ୍ୟରେ ଦାୟିତ୍ୱରେ ଥିଲେ। ଅଭିଯୋଗ ଅନୁସାରେ, ଚାଷୀଙ୍କ ପାଇଁ ମଞ୍ଜୁର ହୋଇଥିବା ଅର୍ଥକୁ କମ୍ପ୍ୟୁଟର ମାଧ୍ୟମରେ ନିଜ ସମ୍ପର୍କୀୟଙ୍କ ବ୍ୟାଙ୍କ ଜମାଖାତାକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ତହସିଲଦାର ଦୀପ୍ତିମୟୀ ବେହେରାଙ୍କୁ ପଚାରିବାରେ ସେ କହିଥିଲେ ଯେ, ସରକାରୀ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ଆସିଥିବା ଅର୍ଥକୁ ବେଆଇନ ଭାବେ ହଡ଼ପ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି।

ତେବେ ପ୍ରାୟ ୨୩ ଲକ୍ଷ ଟଙ୍କା ଫେରସ୍ତ ହୋଇଥିବା ପରେ ମଧ୍ୟ ତହସିଲଦାର କାହିଁକି ବିଳମ୍ବରେ ଥାନାରେ ଅଭିଯୋଗ କଲେ, ତାହାକୁ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନ ଉଠିଛି। ଏହି ଘଟଣାରେ ସରକାରୀ ସହାୟତା ବଣ୍ଟନର ସ୍ୱଚ୍ଛତା ଓ ପ୍ରକୃତ ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କ ପ୍ରାପ୍ୟ ନେଇ ଚର୍ଚ୍ଚା ଜୋର ଧରିଛି।

ପ୍ରାଣୀ ସମ୍ପଦ ମେଳା ଟେଣ୍ଡରକୁ ନେଇ ସଙ୍ଗୀନ ଅଭିଯୋଗ

ମତ୍ସ୍ୟ ଅଧିକାରୀଙ୍କ ଭୂମିକା ଉପରେ ପ୍ରଶ୍ନ, ପୁନଃ ଟେଣ୍ଡର ଦାବି

ବୌଦ୍ଧ, ୨୨।୧୧(ଆନିସ): ବୌଦ୍ଧ ଜିଲ୍ଲାରେ ପ୍ରାଣୀ ସମ୍ପଦ ମେଳା ଆୟୋଜନକୁ ନେଇ ହୋଇଥିବା ଟେଣ୍ଡର ପ୍ରକ୍ରିୟା ଏବେ ବିବାଦ ଘେରରେ। ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ନେଇ ତୁଳସୀ ଟେଣ୍ଟ ହାଉସ ପକ୍ଷରୁ ସଙ୍ଗୀନ ଅଭିଯୋଗ ଆସିଛି। ଟେଣ୍ଡରରେ ସ୍ୱଚ୍ଛତା ରହିଥିଲା କି ନାହିଁ, ସମସ୍ତ ଯୋଗ୍ୟ ସଂସ୍ଥାଙ୍କୁ ସମାନ ସୁଯୋଗ ମିଳିଥିଲା କି ନାହିଁ ଏବଂ ସମ୍ପୃକ୍ତ ଅଧିକାରୀମାନେ ନିୟମ ଅନୁଯାୟୀ କାର୍ଯ୍ୟ କରିଥିଲେ କି ନାହିଁଏସବୁକୁ ନେଇ ଉଠିଛି ପ୍ରଶ୍ନ। ଅଭିଯୋଗ ଅନୁଯାୟୀ, ପ୍ରାଣୀ ସମ୍ପଦ ମେଳା ପାଇଁ ଟେଣ୍ଟ, ଷ୍ଟଲ୍ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ତେବେ ଏହି ଟେଣ୍ଡର ପ୍ରକ୍ରିୟାରେ ନିୟମ ଓ ମାନଦଣ୍ଡକୁ ସଠିକ୍ ଭାବେ ପାଳନ କରାଯାଇଥିଲା କି ନାହିଁ, ସେନେଇ ତୁଳସୀ ଟେଣ୍ଟ ହାଉସ ପକ୍ଷରୁ ଆପତ୍ତି ଉଠାଯାଇଛି।

ବିଶେଷ କରି ଟେଣ୍ଡର ପ୍ରକ୍ରିୟାରେ ମତ୍ସ୍ୟ ଅଧିକାରୀଙ୍କ ଭୂମିକା କଣ ଥିଲା କେଉଁ ନିୟମ ଓ ମାନଦଣ୍ଡ ଆଧାରରେ ଟେଣ୍ଡର ପ୍ରକ୍ରିୟା ଆଗକୁ ବଢ଼ିଲା କେଉଁ ସଂସ୍ଥାକୁ କାହିଁକି ଚୟନ କରାଗଲା ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସମାନ ସୁଯୋଗ ମିଳିଥିଲା କିଏଭଳି ଅନେକ ପ୍ରଶ୍ନ ଅଭିଯୋଗକାରୀଙ୍କ ପକ୍ଷରୁ ଉଠାଯାଇଛି।

ଯଦି ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ନିୟମସମ୍ମତ ଓ ସ୍ୱଚ୍ଛ ଭାବେ ହୋଇଛି, ତେବେ ଟେଣ୍ଡର ସମ୍ପର୍କିତ ସମସ୍ତ ଦସ୍ତାବିଜ ସାମ୍ନାକୁ ଆଣିବାକୁ ଦାବି ହୋଇଛି। ଟେଣ୍ଡର ନୋଟିସ୍, ଯୋଗ୍ୟତା ମାନଦଣ୍ଡ, ଅଂଶଗ୍ରହଣ କରିଥିବା ସଂସ୍ଥା, ଦରପତ୍ର ଏବଂ ଚୟନ ପ୍ରକ୍ରିୟାର ଆଧାର ସମ୍ପର୍କରେ ସ୍ପଷ୍ଟତା ଆସିଲେ ହିଁ ସମଗ୍ର ପ୍ରକ୍ରିୟାର ସ୍ୱଚ୍ଛତା ସ୍ପଷ୍ଟ ହୋଇପାରିବ ବୋଲି ଅଭିଯୋଗକାରୀଙ୍କ ମତ।ଏଠାରେ ଆଉ ଏକ ବଡ଼ ପ୍ରଶ୍ନ ଟେଣ୍ଡରରେ ଅଂଶଗ୍ରହଣ କରିଥିବା ସମସ୍ତ ସଂସ୍ଥାଙ୍କ ପ୍ରସ୍ତାବକୁ କି ସମାନ ଭାବେ ବିଚାର କରାଯାଇଥିଲା ଟେଣ୍ଡର ଚୟନରେ ନିର୍ଦ୍ଧାରିତ ମାନଦଣ୍ଡ ପାଳନ ହୋଇଥିଲା କି ଏବଂ ଯଦି କୌଣସି ସଂସ୍ଥା ଟେଣ୍ଡର ପ୍ରକ୍ରିୟାକୁ ନେଇ ଆପତ୍ତି ଉଠାଇଛି, ତେବେ ତାହାର ଅଭିଯୋଗର ନିରପେକ୍ଷ ଯାଞ୍ଚ କାହିଁକି ହେବ ନାହିଁ ? ଏହି ସମସ୍ତ ପ୍ରଶ୍ନକୁ ନେଇ ତୁଳସୀ ଟେଣ୍ଟ ହାଉସ ପକ୍ଷରୁ ଟେଣ୍ଡର ପ୍ରକ୍ରିୟାକୁ ପୁନଃ ଯାଞ୍ଚ କରିବା ସହ ପୁନଃ ଟେଣ୍ଡର ଆହ୍ୱାନ କରିବାକୁ ଦାବି କରାଯାଇଛି। ଅଭିଯୋଗକାରୀଙ୍କ ମତରେ, ପୁନଃ ଟେଣ୍ଡର ହେଲେ ଯୋଗ୍ୟ ସମସ୍ତ ସଂସ୍ଥା ପୁନର୍ବାର ସୁଯୋଗ ପାଇବେ ଏବଂ ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସମ୍ପନ୍ନ ହୋଇପାରିବ। ତେବେ ଅଭିଯୋଗର ସତ୍ୟତା କେତେ ଦୂର ପ୍ରକୃତରେ ଟେଣ୍ଡର ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇଛି କି ଯଦି ହୋଇଛି, ତେବେ ଏଥିପାଇଁ କିଏ ଦାୟୀ ଆଉ ଯଦି ସମସ୍ତ ପ୍ରକ୍ରିୟା ନିୟମ ଅନୁସାରେ ହୋଇଛି, ତେବେ ଉଠିଥିବା ଅଭିଯୋଗ ଉପରେ ବିଭାଗର ସ୍ପଷ୍ଟ ଉତ୍ତର କଣ ?

ଏହି ଘଟଣାରେ ନିରପେକ୍ଷ ତଦନ୍ତର ଦାବି ଜୋର ଧରିଛି। ଟେଣ୍ଡର ସମ୍ପର୍କିତ ସମସ୍ତ ରେକର୍ଡ ଯାଞ୍ଚ କରିବା ସହ ଟେଣ୍ଡର ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟକୁ ତଦନ୍ତ କରାଯାଉ ବୋଲି ଦାବି ହୋଇଛି। ଆବଶ୍ୟକ ହେଲେ ଉଚ୍ଚସ୍ତରୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବାକୁ ମଧ୍ୟ ଦାବି ହୋଇଛି। ଅନ୍ୟପଟେ, ଏହି ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ମତ୍ସ୍ୟ ଅଧିକାରୀ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱଷ୍ଟ ପ୍ରତିକ୍ରିୟା ମିଳିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ପକ୍ଷରୁ ଟେଣ୍ଡର ପ୍ରକ୍ରିୟାର ନିୟମ, ଚୟନ ପଦ୍ଧତି ଓ ଅଭିଯୋଗର ସତ୍ୟତା ସମ୍ପର୍କରେ ମତାମତ ମିଳିଲେ ଘଟଣାର ପ୍ରକୃତ ଚିତ୍ର ଆହୁରି ସ୍ପଷ୍ଟ ହେବ। ସରକାରୀ କାର୍ଯ୍ୟକ୍ରମର ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଜବାବଦେହିତା ଅତ୍ୟନ୍ତ ଜରୁରୀ। ତେଣୁ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ସମସ୍ତ ଦସ୍ତାବିଜ ଯାଞ୍ଚ କରାଯାଇ ସତ୍ୟାସତ୍ୟ ସାମ୍ନାକୁ ଆସିବା ଆବଶ୍ୟକ। ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ନିୟମାନୁସାରେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ଏବଂ ଆବଶ୍ୟକ ହେଲେ ପୁନଃ ଟେଣ୍ଡର କରାଯିବା ଦାବି ହୋଇଛି। ଏବେ ସମସ୍ତଙ୍କ ନଜର ବିଭାଗୀୟ ପଦକ୍ଷେପ ଉପରେଅଭିଯୋଗର ତଦନ୍ତ ହେବ କି ଟେଣ୍ଡର ପ୍ରକ୍ରିୟା ପୁନଃ ଯାଞ୍ଚ ହେବ କି ଏବଂ ତୁଳସୀ ଟେଣ୍ଟ ହାଉସର ପୁନଃ ଟେଣ୍ଡର ଦାବି ଉପରେ ବିଭାଗ କଣ ନିଷ୍ପତ୍ତି ନେବ ?

ଜାତୀୟସ୍ତରରେ ଓଡ଼ିଶାର ଚାରି ଯୁବ ପ୍ରତିଭାଙ୍କୁ ପ୍ରଧାନମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୨।୧୧: ଜାତୀୟ ମଞ୍ଚରେ ପୁଣି ଓଡ଼ିଶାକୁ ଗର୍ବିତ କରିଛନ୍ତି ୪ ଓଡ଼ିଆ ଯୁବ ପ୍ରତିଭା । ନିଜ ନିଜ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଦେଶର ଶ୍ରେଷ୍ଠ ୫୨ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ଓଡ଼ିଶାରୁ ୪ ଜଣ ଛାତ୍ରଛାତ୍ରୀ । ଅଖିଳ ଭାରତୀୟ ବୃତ୍ତି ପରୀକ୍ଷା–୨୦୨୬ରେ ଅସାଧାରଣ ସଫଳତା ପାଇଁ ଏହି ୪ ପ୍ରତିଭାଙ୍କୁ ଲକ୍ଷ୍ନୌରେ ଆୟୋଜିତ ପଞ୍ଚମ କୌଶଳ ଦୀକ୍ଷାନ୍ତ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବର୍ଦ୍ଧିତ କରିଛନ୍ତି ।

ଏଥିସହ ଜାତୀୟସ୍ତରରେ ଓଡ଼ିଶାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା କ୍ଷେତ୍ରର ସଫଳତା ପୁଣିଥରେ ପ୍ରତିଫଳିତ ହୋଇଛି ।ନିଜ ନିଜ ବିଷୟରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଏମାନେ ଦେଶର ୫୨ ଜଣ ଶ୍ରେଷ୍ଠ ପ୍ରଶିକ୍ଷାର୍ଥୀଙ୍କ ତାଲିକାରେ ସ୍ଥାନ ପାଇଛନ୍ତି । ସମ୍ବର୍ଦ୍ଧିତ ହୋଇଥିବା ୪ ଓଡ଼ିଆ ହେଲେ,

ଏହି ସଫଳତା ମଧ୍ୟରେ ସବୁଠୁ ଚର୍ଚ୍ଚାରେ ରହିଛନ୍ତି କଟକ ସରକାରୀ ଆଇଟିଆଇର ଅଭିଜିତ ଦାସ । କ୍ରାଫ୍ଟସମ୍ୟାନ୍ ଟ୍ରେନିଂ ସ୍କିମ୍ ଅଧୀନରେ ୱେଲ୍ଡର ଟ୍ରେଡ୍‌ରେ ସେ ୬୦୦ରୁ ୬୦୦ ନମ୍ବର ରଖି ପୂର୍ବ ଭାରତର ଶ୍ରେଷ୍ଠ ପ୍ରଶିକ୍ଷାର୍ଥୀ ହୋଇଛନ୍ତି । ସେହିପରି ପୁରୀ ସରକାରୀ ଆଇଟିଆଇର ସୁପ୍ରୀତି ମହାପାତ୍ର ମେକାନିକ୍ ମୋଟର ଭେହିକିଲ୍ ଟ୍ରେଡ୍‌ରେ ୧୨୦୦ରୁ ୧୧୯୪ ନମ୍ବର ରଖି ଦେଶର ଶ୍ରେଷ୍ଠ ମହିଳା ପ୍ରଶିକ୍ଷାର୍ଥୀ ହେବାର ଗୌରବ ହାସଲ କରିଛନ୍ତି ।

ଅନ୍ୟପଟେ କ୍ରାଫ୍ଟ ଇନଷ୍ଟ୍ରକ୍ଟର ଟ୍ରେନିଂ ସ୍କିମ୍ ଅଧୀନରେ ଭୁବନେଶ୍ୱରନ୍ୟାସନାଲ ସ୍କିଲ୍ ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌ର ସମିଦା ବେଗମ୍ ଓ ସଚିନ କୁମାର ମଧ୍ୟ ଜାତୀୟସ୍ତରରେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି । କମ୍ପ୍ୟୁଟର ସଫ୍ଟୱେର୍ ଆପ୍ଲିକେସନ୍ ଟ୍ରେଡ୍‌ରେ ସମିଦା ଏବଂ ଇଲେକ୍ଟ୍ରୋନିକ୍ସ ମେକାନିକ୍ ଟ୍ରେଡ୍‌ରେ ସଚିନ ପୂର୍ବ ଭାରତର ଶ୍ରେଷ୍ଠ ପ୍ରଶିକ୍ଷାର୍ଥୀ ଭାବେ ସ୍ୱୀକୃତି ପାଇଛନ୍ତି ।ପଞ୍ଚମ କୌଶଳ ଦୀକ୍ଷାନ୍ତ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବର୍ଦ୍ଧିତ ସରକାରୀ ର ଛାତ୍ର ଅଭିଜିତ ଦାସ ଏହି ସଫଳତା ପାଇଁ ବାପା ଅଭୟ କୁମାର ଦାସ ଓ ମା ଜୟନ୍ତୀ ଦାସଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି । ଏହା ସହିତ କଟକ ସରକାରୀ ର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କରିଛନ୍ତି ।

ଦେଶର ବିଭିନ୍ନ ଆଇଟିଆଇର ପ୍ରଶିକ୍ଷାର୍ଥୀଙ୍କୁ ନେଇ ଭାରତ ସରକାରଙ୍କ ପ୍ରଶିକ୍ଷଣ ମହାନିର୍ଦ୍ଦେଶାଳୟ ପକ୍ଷରୁ ଅଖିଳ ଭାରତୀୟ ବୃତ୍ତି ପରୀକ୍ଷା ଆୟୋଜିତ ହୋଇଥିଲା । ଏଥିରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଓଡ଼ିଶାର ୪ ଜଣ ଏହି ଜାତୀୟ ସମ୍ମାନ ହାସଲ କରିଛନ୍ତି । ଏହି ସଫଳତା ପଛରେ ରାଜ୍ୟର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବ୍ୟବସ୍ଥାର ଉନ୍ନତିକରଣକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ଆଇଟିଆଇଗୁଡ଼ିକୁ ଅଧିକ ଆଧୁନିକ ଓ ଶିଳ୍ପଭିତ୍ତିକ କରିବା ପାଇଁ ରାଜ୍ୟ ସରକାର ୧୦ଟି ସରକାରୀ ଆଇଟିଆଇକୁ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଉତ୍କର୍ଷ ଆଇଟିଆଇ ଭାବେ ବିକଶିତ କରୁଛନ୍ତି । ୨୫ଟି ସରକାରୀ ଆଇଟିଆଇରେ ପ୍ରାୟ ୨୦୦ କୋଟି ଟଙ୍କା ବ୍ୟୟରେ ଶିଳ୍ପାନୁଷ୍ଠାନ ଆଧାରିତ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେଉଛି ।

ଏହା ସହ ସରକାର-ଘରୋଇ ସହଭାଗିତାରେ ଆଉ ୨୨ଟି ଆଇଟିଆଇକୁ ଉତ୍କର୍ଷ କେନ୍ଦ୍ର ଭାବେ ବିକଶିତ କରିବା ସହ ୧୩ଟି ସରକାରୀ ଆଇଟିଆଇରେ ଏଆଇ ଲ୍ୟାବ୍ ସ୍ଥାପନ କରାଯାଉଛି । ଏହାଦ୍ୱାରା ଯୁବ ପିଢ଼ିଙ୍କୁ ଆଧୁନିକ ଜ୍ଞାନକୌଶଳ ଓ ଶିଳ୍ପର ଆବଶ୍ୟକତା ଅନୁସାରେ ପ୍ରଶିକ୍ଷଣ ଦେଇ ଭବିଷ୍ୟତର ନିଯୁକ୍ତି ସୁଯୋଗ ପାଇଁ ପ୍ରସ୍ତୁତ କରିବା ଲକ୍ଷ୍ୟ ରଖାଯାଇଛି ।

ଐତିହାସିକ ଦଶାଶ୍ୱମେଧ ଘାଟରେ ଅବ୍ୟବସ୍ଥା, ମୌଳିକ ସୁବିଧାରୁ ବଞ୍ଚିତ ଶ୍ରଦ୍ଧାଳୁ

ଯାଜପୁର, ୨୨।୧୧ (ଆନିସ): ଯାଜପୁରର ଐତିହାସିକ ତଥା ଧାର୍ମିକ ମହତ୍ତ୍ୱ ବହନ କରୁଥିବା ଦଶାଶ୍ୱମେଧ ଘାଟ ଏବେ ଅବ୍ୟବସ୍ଥାରେ ଘେରି ହୋଇଛି। ପୁଣ୍ୟତୋୟା ବୈତରଣୀ ନଦୀକୂଳରେ ଥିବା ଏହି ପ୍ରସିଦ୍ଧ ଘାଟରେ ପରିମଳ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବାବେଳେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକ ମୌଳିକ ସୁବିଧା ନାହିଁ। ଘାଟରେ ଆବର୍ଜନା ଜମିବା, ଦୁର୍ଗନ୍ଧ ଏବଂ ଶୌଚାଳୟର ଅଭାବ ଏହାର ପବିତ୍ରତା ଓ ପରିବେଶକୁ ପ୍ରଭାବିତ କରୁଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।ଇତିହାସ ଅନୁଯାୟୀ, ମହାରାଜା ଯଯାତି କେଶରୀ ଏହି ଘାଟରେ ଦଶଟି ଅଶ୍ୱମେଧ ଯଜ୍ଞ ସମ୍ପାଦନ କରିଥିବାରୁ ଏହା ଦଶାଶ୍ୱମେଧ ଘାଟ ନାମରେ ପରିଚିତ ହୋଇଥିବା ବିଶ୍ୱାସ ରହିଛି। ଏହି ଘାଟରେ ପିଣ୍ଡଦାନ ଓ ତର୍ପଣ କଲେ ପିତୃପୁରୁଷଙ୍କ ମୋକ୍ଷ ପ୍ରାପ୍ତି ହୁଏ ଏବଂ ସ୍ନାନ ଦ୍ୱାରା କୋଟି ଜନ୍ମର ପୁଣ୍ୟ ମିଳେ ବୋଲି ଧାର୍ମିକ ଆସ୍ଥା ରହିଛି। ଏହି ବିଶ୍ୱାସକୁ ନେଇ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଶ୍ରଦ୍ଧାଳୁ ପିଣ୍ଡଦାନ, ତର୍ପଣ, ଅସ୍ଥି ବିସର୍ଜନ ଓ ସ୍ନାନ ନିମନ୍ତେ ଘାଟକୁ ଆସୁଛନ୍ତି।କିଛି ବର୍ଷ ପୂର୍ବେ ଘାଟର ଉଭୟ ପାର୍ଶ୍ୱରେ ଉନ୍ନତିକରଣ କାର୍ଯ୍ୟ ହୋଇଥିଲେ ମଧ୍ୟ ଏବେ ସଫେଇ ଓ ରକ୍ଷଣାବେକ୍ଷଣର ଅଭାବ ସ୍ପଷ୍ଟ ହେଉଛି। ଘାଟର ବିଭିନ୍ନ ସ୍ଥାନରେ ମଇଳା ଗଦା ହୋଇ ରହିଥିବାବେଳେ ଦୁର୍ଗନ୍ଧ ପରିବେଶକୁ ଅସ୍ୱାସ୍ଥ୍ୟକର କରିଦେଇଛି। ଶୌଚାଳୟ ନଥିବାରୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଅସୁବିଧା



ଭୋଗୁଛନ୍ତି। ପାନୀୟ ଜଳ, ବିଶ୍ରାମ କକ୍ଷ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ମଧ୍ୟ ଅନୁପଲ

ବାଲିଆସରା ଗ୍ରାମ ପଂଚାୟତର ଷ୍ଟ୍ରିଟ ଲାଇଟ ଦୁର୍ନୀତି ମାମଲା

ଗିରଫ ହେଲେ ପୂର୍ବତନ ପିଇଓ,କନିଷ୍ଠଯନ୍ତ୍ରୀ ଓ ଠିକାଦାର



କବିସୂର୍ଯ୍ୟନଗର,୨୨।୧୧ (ଆନିସ): ଦୀର୍ଘ ୪ ବର୍ଷ ପରେ ପଦାକୁ ଆସିଲା ଷ୍ଟ୍ରିଟ୍ ଲାଇଟ୍ କେଳେଙ୍କାରୀ।ଫସିଲେ ପୂର୍ବତନ ପିଇଓ,କନିଷ୍ଠଯନ୍ତ୍ରୀ ଓ ଠିକାଦାର। ୧୨୨ଟି ଷ୍ଟ୍ରିଟ ଲାଇଟ୍ ଲଗାଇବାକୁ ସ୍ଥିର ହୋଇଥିବା ବେଳେ ମାତ୍ର ୨୦ଟି ଷ୍ଟ୍ରିଟ ଲାଇଟ୍ ଲଗାଇ ଭିଜିଲାନ୍ସ ହାତରେ ଏବେ ଧରା ପଡ଼ିଛନ୍ତି।କବିସୂର୍ଯ୍ୟନଗର ବ୍ଲକ ବାଲିଆସରା ଗ୍ରାମ ପଂଚାୟତରେ ଚିକଣରେ ଲୁଟିଥିଲେ ଅନୁଦାନ। ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇଥିବା କର୍ମଚାରୀ ମାନେ ହେଲେ ଗଂଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ଅଧୀନସ୍ଥ ବାଲିଆସରା ଗ୍ରାମପଞ୍ଚାୟତର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ରାମା ରାଓ, କବିସୂର୍ଯ୍ୟନଗର ବ୍ଲକର କନିଷ୍ଠ ଯନ୍ତ୍ରୀ ସବ୍ୟସାଚୀ ଗନ୍ତାୟତ ଏବଂ ପୁରୁଷୋତ୍ତମପୁର ଅଞ୍ଚଳର ମା ତାରା ତାରିଣୀ ଇଲେକ୍ଟ୍ରିକାଲ ଠିକା ସଂସ୍ଥାର ମାଲିକ କୃଷ୍ଣଚନ୍ଦ୍ର ବେହେରା।ଏମାନେ ଷ୍ଟ୍ରିଟ ଲାଇଟ୍ ଲଗାଇବା ନାଁରେ ୭,୨୪,୯୫୯ ଟଙ୍କାର ସରକାରୀ ଟଙ୍କା। ଆତ୍ମସାତ କରିଥିବା ଅଭିଯୋଗ ହୋଇଛି।ଷ୍ଟ୍ରିଟ ଲାଇଟ ଲଗାଇବା। ଦୁର୍ନୀତି ନେଇ ଅଭିଯୋଗ ହେବା ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ କେଶ ନଂ ୧୪/୨୦୨୬ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିଲା। ତଦନ୍ତରେ ଜଣାପଡ଼ିଥିଲା ଯେ, ୨୦୨୨-୨୦୨୨ ମସିହାରେ ବାଲିଆସରା ପଂଚାୟତର ୫ ଟି ଗ୍ରାମ ଯଥା ବାଲିଆସରା, ଷଣ୍ଢମର।, ସିନ୍ଦୁରିଆପଡା, ଚଢ଼ିଆପଡା, ସଦାବର୍ତ୍ତ ନୁଆଁଗାଁ ରେ ୧୨୨ଟି ଷ୍ଟ୍ରିଟ ଲାଇଟ ଲଗାଇବା ବଦଳରେ ମାତ୍ର ୨୦ଟି ଷ୍ଟ୍ରିଟ ଲାଇଟ ଲଗାଇ ଥିଲେ। ଅର୍ଥାତ ୧୦୨ଟି ଷ୍ଟ୍ରିଟ ଲାଇଟ ଲଗା ଯାଇ ନଥିଲା। ତେବେ ଚତୁରତାର ସହିତ ଏହି ତିନି ଜଣ ୭,୭୫,୯୩୯ ଟଙ୍କାର ବିଲ୍ କରିଥିଲେ। ଆର୍ଥିକ ବର୍ଷ ୨୦୨୧-୨୨ରେ ଶ୍ରୀ ବେହେରାଙ୍କ ନାମରେ ଏହି ବିଲ୍ ହୋଇଥିଲା। ତେବେ ୧୦୨ଟି ଷ୍ଟ୍ରିଟ ଲାଇଟ ପାଇଁ ବଳକା ୬,୮୩,୪୬୫ ଟଙ୍କା ଥିଲା। ତେବେ ରକ୍ଷଣାବେକ୍ଷଣ ପାଇଁ ପରେ ଜେରାମା ରାଓଙ୍କ ନାମରେ ୯୭,୫୦୦ ଟଙ୍କା ଜମା କରାଯାଇଥିଲା। ତେବେ ଯାଞ୍ଚ ସମୟରେ ଜଣାପଡ଼ିଲା ଯେ, ରକ୍ଷଣାବେକ୍ଷଣ ପାଇଁ ୪୧,୪୯୩ ଟଙ୍କା ଦିଆଯିବାର କଥା। ତେବେ ଯାଞ୍ଚ ସମୟରେ ଜଣାପଡ଼ିଛି ଯେ, ମୋଟ ୭,୨୪,୯୫୮ ଟଙ୍କା। ତୋଷରପାତ ହୋଇଛି। ସମ୍ପୃକ୍ତ ତିନି ଜଣଙ୍କୁ ଗିରଫ କରି ଭିଜିଲାନ୍ସ ବିଭାଗ ଅଧିକ ତଦନ୍ତ କରୁଥିବା ଜଣାଯାଇଛି।ଆମେ ଏଠି କହି ରଖୁଛୁ ଯେ କବିସୂର୍ଯ୍ୟନଗର ବ୍ଲକ ର ପୁରା ୨୧ ଟି ପଂଚାୟତରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଥିବା ପୂର୍ବରୁ ଯେଉଁ ଅଭିଯୋଗ ହେଉଥିଲା ତାହାର ଖିଅ ଧରିଛି ଭିଜିଲାନ୍ସ।ପୁରୁଷୋତ୍ତମପୁର ଅଂଚଳର ସମ୍ପୃକ୍ତ ଠିକା ସଂସ୍ଥା ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରେ ଠିକା ନେଇ ଲଗାଇଥିବା ଇଲେକ୍ଟ୍ରିକାଲ ଜିନିଷର ତଦନ୍ତ ହେଲେ କୋଟି କୋଟି ଟଙ୍କାର ଘୋଟଲା ପଦାକୁ ଆସିବ ବୋଲି ଆଲୋଚନା ହେଉଛି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଲେ ଏନ୍ ଡମ୍ବରୁ ରେଡ୍ଡୀ

ଗଞ୍ଜାମ ଚାଷୀଙ୍କ ନିମନ୍ତେ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ପାଇ ଆଲୋଚନା

ରଙ୍ଗେଇଲୁଣ୍ଡା,୨୨।୧୧ (ଆନିସ): ଅର୍ଣ୍ଣବ ଆଣିଲା ବିପର୍ଯ୍ୟୟ ବନ୍ୟା, ଛଡାଇନେଲା ଚାଷୀଙ୍କ ଜୀବିକା । ହଜାର ହଜାର ଏକର ଜମିରେ ଫସଲ ନଷ୍ଟ ପରେ ଗଞ୍ଜାମ ର ଚାଷୀଙ୍କ ପାଇଁ ଏବେ ଆର୍ଥିକ ପୁନର୍ବାସ ଜରୁରୀ ହୋଇପଡିଛି । କେବଳ ଆଶ୍ୱାସନା ନୁହେଁ ଋଣ ଛାଡ ସହ ଠୋସ୍ କେନ୍ଦ୍ରୀୟ ସହାୟତା ଦାବି କରି କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏନ୍. ଡମ୍ବରୁ ରେଡ୍ଡୀ । ସେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଚାଷୀଙ୍କ ହିତ ଉଦ୍ଦେଶ୍ୟରେ ଆଲୋଚନା କରିବା ସହିତ ତାଙ୍କ ମାଧ୍ୟମରେ ଗୃହମନ୍ତ୍ରୀଙ୍କୁ ଚିଠି ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ବାତ୍ୟା ଅର୍ଣ୍ଣବ ଓ ପରବର୍ତ୍ତୀ ଭୟଙ୍କର ବନ୍ୟାରେ ଗଞ୍ଜାମ ଜିଲ୍ଲାର କୃଷି କ୍ଷେତ୍ରରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଏବେ ଚାଷୀଙ୍କ ମୁଣ୍ଡରେ ଚଢ଼କ ପଡ଼ିଛି। ମାସ ମାସର ପରିଶ୍ରମ ଚାଷ ପାଇଁ କରିଥିବା ଋଣ ଓ ନିବେଶ ସବୁ ବନ୍ୟା ଜଳରେ ଧୋଇ ହୋଇଯାଇଛି । ଏଭଳି ସ୍ଥିତିରେ କେବଳ ସାଧାରଣ ବିପର୍ଯ୍ୟୟ ସହାୟତା ନୁହେଁ ଚାଷୀଙ୍କୁ ଆର୍ଥିକ ସଙ୍କଟରୁ ମୁକ୍ତ କରିବା ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା କୃଷି ଋଣ ଛାଡ ଫସଲ ବୀମା ଓ କ୍ଷତିପୂରଣ ବୃଦ୍ଧି କରିବା ଜରୁରୀ । କାରଣ ଗଞ୍ଜାମ ଜିଲ୍ଲା ଓଡିଶାର ଏକ ପ୍ରମୁଖ କୃଷି ପ୍ରଧାନ ଜିଲ୍ଲା । ଏଠାକାର ହଜାର ହଜାର ଚାଷୀ ପରିବାର ଓ କୃଷି ଶ୍ରମିକଙ୍କ ଜୀବିକା କୃଷି ଉପରେ ନିର୍ଭରଶୀଳ । ବାତ୍ୟା



ପରବର୍ତ୍ତୀ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ବ୍ୟାପକ ଚାଷଜମି ଜଳମଗ୍ନ ହେବା ସହ ଠିଆ ଧାନ ଫସଲ ନଷ୍ଟ ହୋଇଛି । ଫଳରେ ଚାଷୀମାନେ ଚାଷ ଖର୍ଚ୍ଚ ହରାଇବା ସହ ଆଗାମୀ ଦିନରେ ଋଣ ପରିଶୋଧ ଓ ପରିବାର ପ୍ରତିପୋଷଣ ନେଇ ଚିନ୍ତାରେ ପଡିଛନ୍ତି । ପତ୍ରରେ ପାଞ୍ଚଟି ପ୍ରମୁଖ ଦାବି ଉପସ୍ଥାପନ କରାଯାଇଛି । ସମ୍ପୂର୍ଣ୍ଣ ଫସଲ କ୍ଷତି ସହିଥିବା ଚାଷୀଙ୍କ ପାଇଁ ସ୍ୱତନ୍ତ୍ର କୃଷିଋଣ ଛାଡ , ସମସ୍ତ ଯୋଗ୍ୟ ଚାଷୀଙ୍କୁ ଫସଲ ବିମାରେ ସୁବିଧା ଏବଂ ବନ୍ୟାଜନିତ ବୀମା ଦାବିର ତ୍ୱରିତ ମୂଲ୍ୟାଙ୍କନ ସହ ଅର୍ଥ ପ୍ରଦାନ ଦାବି କରାଯାଇଛି ।

ବିଜେପି ସାମିଲ ହେଲେ ନାଏବ ସରପଞ୍ଚଙ୍କ ସହ ୭ ୱାର୍ଡ ମେମ୍ବର



ବୁଗୁଡ଼ା,୨୨।୧୧ (ଆନିସ): ବିଜେପି ପକ୍ଷରୁ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଭଗବାନପୁର ଗ୍ରାମରେ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ଗଙ୍ଗା ନାୟକଙ୍କ ତତ୍ତ୍ୱାବଧାନରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଉପସ୍ଥିତ ବିଜେପି ନେତା ଓ କର୍ମୀ ମାନଙ୍କୁ ଉଦବୋଧନ ଦେଇ ଉତ୍ସାହିତ କରିଥିଲେ। ଏବଂ ବିଜେପି ସଙ୍ଗଠନକୁ ମଜବୁତ କରିବା ସହ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇ ଏହାର ସୁଫଳ ନେବାପାଇଁ ଉପସ୍ଥିତ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଜେଡି ଯୁବ ସଙ୍ଗଠକ ତଥା ସରପଞ୍ଚ ପ୍ରାର୍ଥୀ ହରପ୍ରସାଦ ସାହୁ ବିଜେଡି ଛାଡ଼ି ବିଜେପିରେ ସାମିଲ ହେବା ସହିତ ତାଙ୍କ ନେତୃତ୍ୱରେ ନାଏବ ସରପଞ୍ଚ ପଞ୍ଚ ପ୍ରଧାନ,ୱାର୍ଡ ମେମ୍ବର ମନୋଜଁ କୁମାର ସାହୁ, ଶତ୍ରୁଘ୍ନ ସ୍ୱାଇଁ,ତମାଳ ନାୟକ, ଜୟକୃଷ୍ଣ ସାହୁ,ରାଘବ ନାୟକ, ମହେନ୍ଦ୍ର ନାୟକ ଓ ଅମ୍ବିକା ନାୟକ ସମେତ ଦୁଇ ଶହରୁ ଉର୍ଦ୍ଧ୍ୱ ପରିବାର ବିଧିବଦ୍ଧ ଭାବେ ବିଜେପି ସାମିଲ ହୋଇଥିଲେ। ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମସ୍ତଙ୍କୁ ଦଳିୟୀ ଉତ୍ତରୀୟ ଓ ଟୋପି ପିନ୍ଧାଇ ସମ୍ମାନର ସହିତ ଦଳରେ ସାମିଲ କରାଇଥିଲେ। ଗ୍ରାମରେ ସଂଗଠନକୁ ସୁଦୃଢ କରିବା ସହ ଗ୍ରାମର ପ୍ରଗତି କ୍ଷେତ୍ରରେ ସାମିଲ ହେବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ସୁନୀଲ ପାଢ଼ୀ, ହରିହର ସାହୁ,ଧୋବା ପ୍ରଧାନ, ଶ୍ରୀହର୍ଷ ପ୍ରଧାନ, ଦିଲିପ ପ୍ରଧାନ, ଗନ୍ଧର୍ବ ପ୍ରଧାନ, ନିରଞ୍ଜନ ଗୌଡ଼, ଭିକାରୀ ଆଲଟିଆ ଉପସ୍ଥିତ ଥିଲେ।

ପରବ ମଞ୍ଚରେ ଅଣଦେଖା କୋରାପୁଟିଆ କଳା ଓ ଆଦିବାସୀ ପରମ୍ପରା

ବାହାର କଳାକାରଙ୍କୁ ଗୁରୁତ୍ୱ, ସ୍ଥାନୀୟ ପ୍ରତିଭାଙ୍କୁ ଅବହେଳା ଅଭିଯୋଗ

ଜୟପୁର,୨୨।୧୧ (ଆନିସ): ନେତାଙ୍କ ରାଲି ହେଉ କି ପ୍ରଶାସନର କାର୍ଯ୍ୟକ୍ରମ, ଆଦିବାସୀଙ୍କ କଥା ମନେପଡ଼େ। ହେଲେ ପରବ ମଞ୍ଚରେ କୋରାପୁଟିଆ କଳା ଓ ପରମ୍ପରାକୁ ଉପଯୁକ୍ତ ସ୍ଥାନ ମିଳୁନାହିଁ ବୋଲି ଅସନ୍ତୋଷ ପ୍ରକାଶ କରିଛି ଜୟପୁର ବ୍ଲକ ଆଦିବାସୀ ସଂଘ । ବାହାର କଳାକାରଙ୍କୁ ଗୁରୁତ୍ୱ ଦିଆଯାଉଥିବାବେଳେ ସ୍ଥାନୀୟ ପ୍ରତିଭା ଅଣଦେଖା ହେଉଥିବା ଅଭିଯୋଗ କରିଛନ୍ତି ଜୟପୁର ଅଧିବାସୀ ସଂଘ ସଭାପତି ଜିତେନ୍ଦ୍ର ନାୟକ । ପରବରେ ଦୁରୁଆ ନୃତ୍ୟ, କୋରାପୁଟିଆ ଲୋକକଳା ଓ ପାରମ୍ପରିକ ବେଶଭୂଷାକୁ ପ୍ରାଧାନ୍ୟ ଦେବା ସହ ସ୍ଥାନୀୟ କଳାକାରଙ୍କୁ ସମ୍ମାନ, ମଞ୍ଚ ଓ ଉପଯୁକ୍ତ ପାରିଶ୍ରମିକ ଦେବାକୁ ସଂଘ ଦାବି କରିଛି।ଯେତେବେଳେ ଦରକାର ପଡିବ ସେତେବେଳେ ଆଦିବାସୀ ଭାଇ ଓ ଭଉଣୀ ମାନଂକୁ ମନ ପଡିବ ।

ବାତ୍ୟା ଆଶ୍ରୟ ସ୍ଥଳୀରୁ ଅସହାୟଙ୍କୁ ବିଦାୟ ସମ୍ବର୍ଦ୍ଧନା



ଶେରଗଡ,୨୨।୧୧ (ଆନିସ): ଶେରଗଡ ବ୍ଲକ ପ୍ରଶାସନ ପକ୍ଷରୁ ଅକ୍ସାନ ବାତ୍ୟାର ସମ୍ମୁଖୀନରୁ ନିବୃତ୍ତ ନିମନ୍ତେ ବିଭିନ୍ନ ଆଶ୍ରୟସ୍ଥଳରେ ଦୀର୍ଘ ତିନି ଦିନ ଧରି ସେବା ପ୍ରଦାନର ଅନ୍ତିମ ଦିବସରେ ବିଭିନ୍ନ ଆଶ୍ରୟ ସ୍ଥଳୀର ବ୍ୟକ୍ତି ବିଶେଷଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ, ତହସଲଦାର ଆଇଆଇସି, କାଞ୍ଜିଆମା, ତହର, ବ୍ରାହ୍ମଣ ଛାଇ, ଗୁଡ଼ିସର ଆଶ୍ରୟ ସ୍ଥଳ ପରିଦର୍ଶନ ସମୟେ ପ୍ରତି ବ୍ୟକ୍ତିଙ୍କୁ ସେମାନଙ୍କ ପରିବାର ସ୍ଥିତି ପଚାରି ବୁଝି ଥିଲେ। ସେଥି ମଧ୍ୟରୁ ଉପରୋକ୍ତ ଆଶ୍ରୟ ସ୍ଥଳୀର ୨୦ଗୋଟି ପରିବାର ଆର୍ଥିକ ସମ୍ବଳ ହୀନ ଓ ପକ୍କାଗୃହ ବିହୀନ ଜୀବନ ଯାପନ କରିଥିବା ଉପଲବ୍ଧି କରିଥିଲେ। ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ସେମାନଙ୍କୁ ପ୍ରଶାସନ ପକ୍ଷରୁ ଉଚିତ ସାହାଯ୍ୟ ପ୍ରଦାନ ପ୍ରତିଶ୍ରୁତି ଦେବା ସହିତ ବ୍ଲକ କର୍ମଚାରୀଙ୍କ ଦାନ ଅର୍ଥରେ କମ୍ବଳ, ଶାଢ଼ୀ, ଲୁଙ୍ଗି, ଗାମୁଛା, ପଟି, ସାବୁନ ପାଞ୍ଚ ଦିନ ପାଇଁ ରାସନ ସାମଗ୍ରୀ ଓ ଚୁଡ଼ା ଗୁଡ଼ ଆଦି ଏକ ବ୍ୟାଗରେ ରଖି ସାନ୍ତ୍ୱନା ମୂଳକ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। କାର୍ଯ୍ୟକ୍ରମରେ ବିଡିଓ ତୃପ୍ତିମୟୀ ଜେନା, ତହସିଲଦାର ତ୍ରିଦେବ ରଥ, ଗ୍ରାମ୍ୟଭଳ ପରିମଳ ସହକାରୀ ଯନ୍ତ୍ରୀ ଶଶାଙ୍କ ଶେଖର ପାଢ଼ୀ, ପ୍ରତିଆଶ୍ରୟ ସ୍ଥଳୀର ନୋଡାଲ ଅଫିସର, ପିଆରଆଇ ମେମ୍ବର ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଉପସ୍ଥିତ ରହିଥିଲେ।

ଘର ଭିତରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ପୁଲିସର ତନାଘନା

ଖଲ୍ଲିକୋଟ,୨୨।୧୧ (ଆନିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ପଣ୍ଡିତ ଗାଁ ରେ ଆଜି ଗୋଟିଏ ଘର ଭିତରୁ ଜଣେ ୬୫ ବର୍ଷୀୟ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ସନ୍ଦେହ ଘେରରେ ରହିଛି। ମାଆକୁ ଭାଇ ଭାଉଜ ମିଶି ମାରି ଦେଇଥିବା ନେଇ ଝିଅ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏହାକୁ ନେଇ ତନାଘନା କରୁଛି। ମିଳିଥିବା ସୂଚନା ଅନୁଯାୟୀ, ପଣ୍ଡିତ ଗାଁରେ ପୁଅ ପାଖରେ ରହୁଥିବା ମାଆ କୁମୁନ୍ଦ ବିଶ୍ୱାଳ (୬୫)ଙ୍କୁ ପୁଅ ବୋହୂ ମିଶି ମାରି ଦେଇଥିବା ନେଇ ଝିଅ ବନ୍ଦିତା ସାହୁ ଖଲ୍ଲିକୋଟ ଥାନାରେ ଏତଲା ଦାଖଲ କରିଥିଲେ। ଏତଲାକୁ ଭିତ୍ତି କରି ଖଲ୍ଲିକୋଟ ଥାନା କେସ ନମ୍ବର ୯୪୭/୨୦୨୬ ଅନୁଯାୟୀ ମାମଲା ରୁଜୁ କରି ପୁଲିସ ଘର ଭିତରୁ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠେଇ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ମୃତ କୁମୁନ୍ଦଙ୍କ ବେକରେ କଳା ଦାଗ ଥିବାରୁ ତାଙ୍କୁ ହତ୍ୟା କରିଥିବା ନେଇ ଝିଅ ବନ୍ଦିତା ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ପୁଅ ଓ ବୋହୂଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ତେବେ ପୁଲିସ କରିଥିବା ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ସନ୍ଦେହ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଆଇଆଇସି ରମେଶ କୁମାର ପ୍ରଧାନ କହିଛନ୍ତି।

ଦୁଇ ପୁରାତନ ପ୍ରକଳ୍ପ ଅନୁମୋଦନ, ଅଞ୍ଚଳରେ ଖୁସିର ଲହରୀ



ପୋଲସରା,୨୨।୧୧ (ଆନିସ): ପୋଲସରା ସହରର ଦୁଇଟି ପୁରାତନ ଜଳାଶୟ ଓଇରାଣୀ ଓ ଖଜୁରୀ ବନ୍ଧର ଉନ୍ନତି ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ନୂଆ ପଦକ୍ଷେପ ନିଆଯାଇଛି। ଏମ୍?ଏସ୍?ବିୱାଇ ଯୋଜନାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଉଭୟ ପ୍ରକଳ୍ପକୁ ସରକାରୀ ଅନୁମୋଦନ ମିଳିଥିବା ବେଳେ ମୋଟ ୧୦ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଓଇରାଣୀ ବନ୍ଧ ପାଇଁ ୫ କୋଟି ଏବଂ ଖଜୁରୀ ବନ୍ଧର ନବୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଓଇରାଣୀ ପୋଖରୀରେ ବୋଟିଂ, ପାଦଚଲା ରାସ୍ତା ଓ ଆକର୍ଷଣୀୟ ମୂର୍ତ୍ତି ସ୍ଥାପନ ସହ ଆଧୁନିକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହେବ। ଖଜୁରୀ ବନ୍ଧକୁ ମଧ୍ୟ ଏକ ଆକର୍ଷଣୀୟ ପର୍ଯ୍ୟଟନ ଓ ମନୋରଞ୍ଜନ ସ୍ଥଳୀ ଭାବେ ବିକଶିତ କରାଯିବ। ପ୍ରକଳ୍ପ ଅନୁମୋଦନ ପରେ ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଉଭୟ ଜଳାଶୟ ପରିଦର୍ଶନ କରି ପୌରାଧିକ୍ଷା ସଂଗୀତା ବେହେରା ଓ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନାଙ୍କ ସହ ଉନ୍ନୟନ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ପୋଲସରାର ବିକାଶ ପାଇଁ ଅର୍ଥର ଅଭାବ ନାହିଁ, ସହରରେ ଅଧିକ ଉନ୍ନୟନମୂଳକ ପ୍ରକଳ୍ପ ହାତକୁ ନେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପୋଲସରା ସହରର ସୌନ୍ଦର୍ଯ୍ୟ ବୃଦ୍ଧି ସହ ନୂଆ ମନୋରଞ୍ଜନ ଓ ପର୍ଯ୍ୟଟନ ସ୍ଥଳୀ ସୃଷ୍ଟି ହେବାର ଆଶା ରହିଛି। ଏହି ଅବସରରେ ପୂର୍ବତନ ନଗରପାଳ ପ୍ରଫୁଲ୍ଲ ପ୍ରଧାନ, କାଉନସିଲର ଯଜ୍ଞ ସାହୁ,ଯୁବ ନେତା ସିମାଞ୍ଚଳ ସାହୁ,ମୋତିରାମ ସାହୁ,କାମ୍ପ ବଢେଇ,ପଞ୍ଚ ସାହୁ, ରାମକୃଷ୍ଣ ପ୍ରଧାନ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

ଗଞ୍ଜାମର ବ୍ରିଟିଶ ଅମଳର ଡ୍ରେନ୍ ପୁନରୁଦ୍ଧାର ପାଇଁ ୨୦ କୋଟିର ପ୍ରସ୍ତାବ

- ଜଳସେଚନ ସଚିବଙ୍କ ନିର୍ଦ୍ଦେଶରେ ନିର୍ବାହୀ ଯନ୍ତ୍ରୀଙ୍କ ଅନୁଧ୍ୟାନ
- ଏନ୍ଏସି ଅଧକ୍ଷାଙ୍କ ଚିଠି ପରେ ତତ୍ପର ହେଲା ଡ୍ରେନେଜ ବିଭାଗ



ଗଞ୍ଜାମ, ୨୨।୧୧ (ଆନିସ): ଗଞ୍ଜାମ ସହରର ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ବ୍ରିଟିଶ ଅମଳରେ ନିର୍ମିତ ମୁଖ୍ୟ ଡ୍ରେନ୍ ଟିର ପୁନରୁଦ୍ଧାର ପାଇଁ ପ୍ରାୟ ୨୦ କୋଟି ଟଙ୍କାର ପ୍ରାରମ୍ଭିକ ଆକଳନ ପ୍ରସ୍ତୁତ ହୋଇଛି।

ଗଞ୍ଜାମ ସହରରେ ଥିବା ଏହି ମୁଖ୍ୟ ଡ୍ରେନ୍ ସିଧା ସମୁଦ୍ରରେ ମିଶୁଛି। ଦୀର୍ଘ ଦିନ ହେବ ଏହା ଜରାଜୀର୍ଣ ଅବସ୍ଥାରେ ପଡିଥିବାରୁ ବର୍ଷା ଓ ବାତ୍ୟା ସମୟରେ ସହର ମଧ୍ୟକୁ ପାଣି ପଶୁଥିଲା। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଏନ୍ଏସି ଅଧକ୍ଷା ପ୍ରତିଭା ପାଢୀ ଜଳସେଚନ ବିଭାଗ ସଚିବଙ୍କୁ ଚିଠି ଲେଖି ଡ୍ରେନ୍ ର ପୁନରୁଦ୍ଧାର ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ।

ସଚିବଙ୍କ ନିର୍ଦ୍ଦେଶ କ୍ରମେ ଆଜି ଡ୍ରେନେଜ ବିଭାଗର ନିର୍ବାହୀ ଯନ୍ତ୍ରୀ ସଂଗୀତ କୁମାର ପାତ୍ର ଡ୍ରେନ୍ ର ସ୍ଥଳ ଅନୁଧ୍ୟାନ କରିଛନ୍ତି। ତାଙ୍କ ସହ ଏସଡିଓ ସୁତରିତା ପଣ୍ଡା ଏବଂ ଏଇ ବେଣୁଗୋପାଳ ବେହେରା ମଧ୍ୟ ଉପସ୍ଥିତ ଥିଲେ।

ଏହି ଅବସରରେ ବିଜେପି ବରିଷ୍ଠ ନେତା ତଥା ଏନ୍ଏସି ଅଧକ୍ଷାଙ୍କ ପ୍ରତିନିଧି ଇଂ. ବିନୋଦ କୁମାର ପାଢୀ ପ୍ରସ୍ତାବ ଦେଇଥିଲେ ଯେ ଡ୍ରେନ୍ ର ସମସ୍ତ ପାଣି ସିଧା ସମୁଦ୍ରକୁ ନ ଯାଇ ମଝିରେ ମଝିରେ ଜଳ ସଂରକ୍ଷଣ କରିବା ପାଇଁ ବ୍ୟବସ୍ଥା କରାଯାଉ।

ଷ୍ଟେଟବ୍ୟାଙ୍କ ରାସ୍ତା ସ୍ଥିତ ଭାରତୀ ବିଦ୍ୟାପୀଠ ପାର୍ଶ୍ୱରୁ ଆରମ୍ଭ ହୋଇ ଏହି ଡ୍ରେନ୍ ଜାତୀୟ ରାଜପଥ ପାର୍ଶ୍ୱ ଦେଇ ସମୁଦ୍ରରେ ମିଶିଛି। ଏହି ଗୋଟିଏ ଡ୍ରେନ୍ ମାଧ୍ୟମରେ ଗଞ୍ଜାମ ଏନ୍ଏସି ସମେତ ୨ ଟି ପଞ୍ଚାୟତର ଜଳ ନିଷ୍କାସନ ହୋଇଥାଏ।

ନିର୍ବାହୀ ଯନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ଏହାର ଏକ ଡିପିଆର୍ ପ୍ରସ୍ତୁତ କରାଯାଇ ବିଭାଗକୁ ପଠାଯିବ। ପ

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

ଉତ୍କଳୀୟ ସଂସ୍କୃତିର ଅନନ୍ୟ ପର୍ବ 'ବଡ଼ ଓଷା'

ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଲୋକଜୀବନର ଆତ୍ମା ହେଉଛି ଏହାର ବାରମାସରେ ତେର ପର୍ବ। ପ୍ରତ୍ୟେକ ପର୍ବ ପଛରେ ରହିଛି ଗଭୀର ଆଧ୍ୟାତ୍ମିକ ତତ୍ତ୍ୱ, ସାମାଜିକ ସଂହତି, ପାରିବାରିକ ସମ୍ପର୍କ ଏବଂ ପ୍ରକୃତି ସହ ମଣିଷର ନିବିଡ଼ ସମ୍ପର୍କର ଏକ ମହନୀୟ ବାର୍ତ୍ତା। ଏହି ସମସ୍ତ ପର୍ବପର୍ବାଣି ମଧ୍ୟରେ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ପାଳିତ ହେଉଥିବା 'ବଡ଼ ଓଷା'ର ସ୍ଥାନ ଅତ୍ୟନ୍ତ ସ୍ୱତନ୍ତ୍ର ଓ ମହିମାମଣ୍ଡିତ। ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱରଙ୍କ ପୀଠରୁ ଆରମ୍ଭ କରି ପୁରପଲ୍ଲୀର ପ୍ରତିଟି ଓଡ଼ିଆ ଘରେ ଏହି ପର୍ବ ଅତ୍ୟନ୍ତ ନିଷ୍ଠା, ଭକ୍ତି ଓ ଶ୍ରଦ୍ଧାର ସହିତ ପାଳନ କରାଯାଏ। ବଡ଼ ଓଷା କେବଳ ଏକ ଧାର୍ମିକ ବ୍ରତ ନୁହେଁ, ବରଂ ଏହା ଓଡ଼ିଆ ଜାତିର ସାଂସ୍କୃତିକ ଅସ୍ମିତା, ପାରିବାରିକ ବନ୍ଧନ, ତ୍ୟାଗ, ସଂଯମତା ଓ ସାମାଜିକ ଏକତାର ଏକ ଜ୍ୱଳନ୍ତ ପ୍ରତୀକ।

କାର୍ତ୍ତିକ ମାସ ହେଉଛି ଧର୍ମର ମାସ, ପୁଣ୍ୟର ମାସ ଏବଂ ସଂଯମତାର ମାସ। ହିନ୍ଦୁ ଧର୍ମୀୟ ପରମ୍ପରାରେ ଏହି ମାସର ମହତ୍ତ୍ୱ ଅତୁଳନୀୟ। ଏହି ମାସରେ ହବିଷ୍ୟାଳିମାନେ ନିଷ୍ଠାର ସହିତ ହବିଷ୍ୟ ବ୍ରତ ପାଳନ କରିବା ସହିତ ଦୀପଦାନ, ତୁଳସୀ ପୂଜା, ନଦୀସ୍ନାନ ଓ ଭଜନକୀର୍ତ୍ତନରେ ନିଜକୁ ନିୟୋଜିତ କରିଥାନ୍ତି। କାର୍ତ୍ତିକ ମାସର ଶେଷ ପାଞ୍ଚଦିନକୁ ପଞ୍ଚକ କୁହାଯାଏ। ଏହି ପଞ୍ଚୁକର ଚତୁର୍ଥ ଦିନରେ ବଡ଼ ଓଁଷା ପାଳିତ ହୁଏ। ଏହି ଦିନ ଭକ୍ତମାନେ ଭଗବାନ ଶିବଙ୍କ ଆରାଧନା କରି ନିଜର ପରିବାର ଓ ସମାଜର ମଙ୍ଗଳ କାମନା କରନ୍ତି।

ପୌରାଣିକ ଓ ଲୋକକଥା ଅନୁସାରେ, ମହାନଦୀର ବକ୍ଷସ୍ଥଳରେ ଅବସ୍ଥିତ କଟକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱରଙ୍କ ସହ ବଡ଼ ଓଷାର ଗଭୀର ସମ୍ପର୍କ ରହିଛି। ବିଶ୍ୱାସ କରାଯାଏ ଯେ, ଦେବରାଜ ଇନ୍ଦ୍ର ବ୍ରହ୍ମହତ୍ୟା ପାପରୁ ମୁକ୍ତି ପାଇବା ପାଇଁ ଏହି ପବିତ୍ର ତିଥିରେ ଧବଳେଶ୍ୱର ମହାଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ମହାଦେବଙ୍କ କୃପାରୁ ସେ ପାପମୁକ୍ତ ହୋଇଥିଲେ ବୋଲି ଲୋକବିଶ୍ୱାସ ରହିଛି। ଏହି ପୌରାଣିକ ଆସ୍ଥା ଭକ୍ତମାନଙ୍କ ମନରେ ଏହି ପର୍ବ ପ୍ରତି ଗଭୀର ଶ୍ରଦ୍ଧା ଓ ବିଶ୍ୱାସ ସୃଷ୍ଟି କରିଛି। ଏହି ଦିନ ଧବଳେଶ୍ୱରଙ୍କ ଦର୍ଶନ କରିବା ଓ ବ୍ରତ ପାଳନ କରିବା ଦ୍ୱାରା ମନୁଷ୍ୟର ମନୋସ୍କାମନା ପୂର୍ଣ୍ଣ ହୁଏ ବୋଲି ଶ୍ରଦ୍ଧାଳୁମାନେ ବିଶ୍ୱାସ କରନ୍ତି।

ବଡ଼ ଓଷାର ସବୁଠାରୁ ଆକର୍ଷଣୀୟ ଓ ଭାବପୂର୍ଣ୍ଣ ଦିଗ ହେଉଛି ଏହାର ପାରମ୍ପରିକ ଭୋଗ 'ଗଜା'। ଓଡ଼ିଆ ଖାଦ୍ୟ ସଂସ୍କୃତିରେ ପିଠାପଣା ଓ ଭୋଗର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରତ୍ୟେକ ପର୍ବରେ ନିର୍ଦ୍ଦିଷ୍ଟ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିବା ଆମ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ବଡ଼ ଓଷା ଅବସରରେ ବାବା ଧବଳେଶ୍ୱରଙ୍କ ନିକଟରେ ଗଜା ଭୋଗ ଲାଗି କରାଯାଏ। ଅରୁଆ ଚାଉଳ ଚୂନା, ନଡ଼ିଆ, ଗୁଡ଼, ଛେନା, ଘିଅ ଓ ଅଳେଇଚ ଆଦିର ସୁନ୍ଦର ମିଶ୍ରଣରେ ଏହି ସୁସ୍ୱାଦୁ ପିଠା ପ୍ରସ୍ତୁତ ହୋଇଥାଏ। ଏହାର ସ୍ୱାଦ ଯେତିକି ମନୋହର, ଏହା ସହିତ ଜଡ଼ିତ ଭକ୍ତି ଓ ପରମ୍ପରା ସେତିକି ମହନୀୟ।

ମନ୍ଦିରର ପୂଜକ ଓ ସେବାୟତମାନେ ଅତ୍ୟନ୍ତ ନିଷ୍ଠାର ସହିତ ଏହି ଭୋଗ ପ୍ରସ୍ତୁତ କରିଥାନ୍ତି। ଘରେ ଘରେ ମାଆ ଓ ଭଉଣୀମାନେ ମଧ୍ୟ ଶୁଦ୍ଧପୂତ ଭାବରେ ଗଜା ପ୍ରସ୍ତୁତ କରି ଠାକୁରଙ୍କୁ ସମର୍ପଣ କରନ୍ତି। ଏହି ପ୍ରସ୍ତୁତି ପ୍ରକ୍ରିୟା କେବଳ ରୋଷେଇରେ ସୀମିତ ନୁହେଁ ଏହା ପରିବାରର ସମସ୍ତ ସଦସ୍ୟଙ୍କୁ ଏକାଠି କରିବାର ଏକ ସୁନ୍ଦର ଅବସର। ଛୋଟ ପିଲାମାନେ ବଡ଼ମାନଙ୍କଠାରୁ ପିଠା ପ୍ରସ୍ତୁତିର କୌଶଳ ଶିଖନ୍ତି ଏବଂ ପରମ୍ପରାର ମହତ୍ତ୍ୱ ବୁଝିବାକୁ ପାଆନ୍ତି। ଏହିପରି ଭାବରେ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ଆମର ପାରମ୍ପରିକ ଜ୍ଞାନ ଓ ଖାଦ୍ୟ ସଂସ୍କୃତି ହସ୍ତାନ୍ତରିତ ହୋଇଥାଏ।

ବଡ଼ ଓଷା ବ୍ରତର ବିଧିବିଧାନ ମଧ୍ୟ ଅତ୍ୟନ୍ତ ନିଷ୍ଠାପର। ବ୍ରତଧାରୀମାନେ ସକାଳୁ ସ୍ନାନ କରି ଶୁଦ୍ଧବସ୍ତ୍ର ପରିଧାନ କରିଥାନ୍ତି। ଶିବ ମନ୍ଦିରକୁ ଯାଇ ଦୀପ ଜାଳିବା, ଧୂପଦୀପ ଅର୍ପଣ କରିବା ଓ ମହାଦେବଙ୍କ ନିକଟରେ ପ୍ରାର୍ଥନା କରିବା ଏହି ବ୍ରତର ଅଂଶ। ଅନେକ ଭକ୍ତ ନିର୍ଜଳା ଉପବାସ ପାଳନ କରିଥାନ୍ତି। ତେବେ ବ୍ରତର ପ୍ରକୃତ ଉଦ୍ଦେଶ୍ୟ କେବଳ ଉପବାସ ନୁହେଁ, ବରଂ ମନର ପବିତ୍ରତା, ଆତ୍ମସଂଯମ ଓ ଈଶ୍ୱରଙ୍କ ପ୍ରତି ନିଷ୍କାମ ଭକ୍ତିଭାବ ଜାଗ୍ରତ କରିବା। ଏହି ପର୍ବ ଆମକୁ ଶିଖାଏ ଯେ ମଣିଷ ଜୀବନରେ ଧୈର୍ଯ୍ୟ, ତ୍ୟାଗ ଓ ନିଷ୍ଠାର ମହତ୍ତ୍ୱ କେତେ ଅଧିକ।

ବଡ଼ ଓଷାରେ ଧବଳେଶ୍ୱରଙ୍କ ସ୍ୱତନ୍ତ୍ର ବେଶ ଓ ପୂଜାବିଧି ଭକ୍ତମାନଙ୍କ ମନରେ ଅପୂର୍ବ ଭକ୍ତିଭାବ ସୃଷ୍ଟି କରେ। ରାତିରେ ମନ୍ଦିର ପରିସରରେ ଭଜନ, କୀର୍ତ୍ତନ ଓ ହରିନାମ ସଂକୀର୍ତ୍ତନର ଆୟୋଜନ ହୋଇଥାଏ। ଭକ୍ତମାନେ ଦୀପ ଜାଳି ଶିବଙ୍କ ନାମ ସ୍ମରଣ କରନ୍ତି। ବଡ଼ସିଂହାର ବେଶ ଓ ଗଜା ଭୋଗ ଏହି ପର୍ବର ପ୍ରମୁଖ ଆକର୍ଷଣ। ପାରମ୍ପରିକ ପୂଜାବିଧି ସମ୍ପନ୍ନ ହେବା ପରେ ବ୍ରତଧାରୀମାନେ ନିଜ ନିଜ ପରମ୍ପରା ଅନୁଯାୟୀ ପାରଣା କରନ୍ତି। ଏହି ଭକ୍ତିମୟ ପରିବେଶ ମଣିଷର ମନକୁ ଶାନ୍ତି ଓ ଆଧ୍ୟାତ୍ମିକ ଆନନ୍ଦ ପ୍ରଦାନ କରେ।

ଓଡ଼ିଆ ସଂସ୍କୃତିର ଅନ୍ୟତମ ମହାନ ବିଶେଷତ୍ୱ ହେଉଛି ଏହାର ସମନ୍ୱୟବାଦୀ ଚିନ୍ତାଧାରା। ବଡ଼ ଓଷା ଏହି ସମନ୍ୱୟର ଏକ ଉତ୍କୃଷ୍ଟ ଉଦାହରଣ। କାର୍ତ୍ତିକ ମାସକୁ ସାଧାରଣତଃ ବିଷ୍ଣୁ ବା ଦାମୋଦରଙ୍କ ମାସ ଭାବେ ଗ୍ରହଣ କରାଯାଉଥିବା ବେଳେ, ଏହି ମାସର ଏକ ପ୍ରମୁଖ ପର୍ବ ବଡ଼ ଓଷା ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ସମର୍ପିତ। ଏହା ଶୈବ ଓ ବୈଷ୍ଣବ ପରମ୍ପରାର ଅପୂର୍ବ ସମନ୍ୱୟକୁ ପ୍ରତିପାଦିତ କରେ। ହରି ଓ ହରଙ୍କ ମଧ୍ୟରେ ଭେଦଭାବ ନ ରଖି ସମସ୍ତ ଦେବଦେବୀଙ୍କୁ ସମ୍ମାନ ଦେବା ଓଡ଼ିଶାର ଧାର୍ମିକ ଚେତନାର ଏକ ବିଶେଷ ପରିଚୟ। ଏହି ଭାବନା ସମାଜରେ ସହିଷ୍ଣୁତା, ସହାବସ୍ଥାନ ଓ ଭାଇଚାରାକୁ ସୁଦୃଢ଼ କରିଥାଏ।

ବଡ଼ ଓଷା ଅବସରରେ ଓଡ଼ିଶାର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ଧବଳେଶ୍ୱର, ଲିଙ୍ଗରାଜ, ଲୋକନାଥ, କପିଳାସ ଓ ଆଖଣ୍ଡଳମଣି ପୀଠ ଭଳି ପ୍ରସିଦ୍ଧ ଧାର୍ମିକ ସ୍ଥାନଗୁଡ଼ିକରେ ଭକ୍ତମାନେ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରନ୍ତି। ଜାତି, ଧର୍ମ, ବର୍ଣ୍ଣ, ଧନୀ ଓ ଗରିବର ଭେଦଭାବ ଭୁଲି ସମସ୍ତେ ଭକ୍ତିର ଏକ ସୂତ୍ରରେ ବାନ୍ଧି ହୋଇଥାନ୍ତି। ମନ୍ଦିରରେ ଦର୍ଶନ ପାଇଁ ଲମ୍ବା ଧାଡ଼ିରେ ଛିଡ଼ା ହେବା, ପରସ୍ପରକୁ ସାହାଯ୍ୟ କରିବା ଓ ଭୋଗ ବଣ୍ଟନ କରିବା ମାଧ୍ୟମରେ ସାମାଜିକ ସହଯୋଗର ଭାବନା ପ୍ରକାଶ ପାଏ।

ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ମଧ୍ୟ ବଡ଼ ଓଷାର ଗୁରୁତ୍ୱ ବ୍ୟାପକ। ଏହି ପର୍ବ ଅବସରରେ ଧବଳେଶ୍ୱର ପୀଠ ସମେତ ବିଭିନ୍ନ ସ୍ଥାନରେ ମେଳା ଓ ମହୋତ୍ସବ ଆୟୋଜିତ ହୋଇଥାଏ। ଏହି ମେଳାରେ ସ୍ଥାନୀୟ କାରିଗର, କୁମ୍ଭାର, ଫୁଲଚାଷୀ, ମିଠା ବ୍ୟବସାୟୀ ଓ କ୍ଷୁଦ୍ର ବ୍ୟବସାୟୀମାନେ ନିଜ ନିଜ ସାମଗ୍ରୀ ବିକ୍ରି କରି ଜୀବିକା ନିର୍ବାହର ସୁଯୋଗ ପାଆନ୍ତି। ଯାତ୍ରୀମାନଙ୍କ ଆଗମନ ଫଳରେ ପରିବହନ, ଖାଦ୍ୟପାନୀୟ ଓ ଅନ୍ୟାନ୍ୟ ସେବାକ୍ଷେତ୍ରରେ ମଧ୍ୟ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଏ। ଏହିପରି ଭାବରେ ଧାର୍ମିକ ପର୍ବଟି ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ସକାରାତ୍ମକ ଭାବରେ ପ୍ରଭାବିତ କରେ।

ଏହି ପର୍ବର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ପରିବାର ଓ ସମ୍ପର୍କର ଦୃଢ଼ତା। ଆଜିର ଯୁଗରେ ଚାକିରି, ଶିକ୍ଷା ଓ ଜୀବିକା ଅନ୍ୱେଷଣରେ ଅନେକ ଲୋକ ନିଜ ଗାଁ ଓ ପରିବାରଠାରୁ ଦୂରରେ ରହୁଛନ୍ତି। କିନ୍ତୁ ବଡ଼ ଓଷା ଭଳି ପର୍ବ ପାଳନ ପାଇଁ ସେମାନେ ଗାଁକୁ ଫେରି ଆସନ୍ତି। ଘରେ ଏକାଠି ହୋଇ ପୂଜା କରିବା, ଗଜା ପ୍ରସ୍ତୁତ କରିବା ଓ ଭୋଗ ବଣ୍ଟନ କରିବା ମାଧ୍ୟମରେ ପରିବାରର ସ୍ନେହ ଓ ଆତ୍ମୀୟତା ଆହୁରି ନିବିଡ଼ ହୁଏ। ଏହି ଅବସରରେ ବୟସ୍କମାନେ ଛୋଟ ପିଲାଙ୍କୁ ପର୍ବର କାହାଣୀ ଓ ମହତ୍ତ୍ୱ ବୁଝାଇଥାନ୍ତି। ଫଳରେ ପିଲାମାନଙ୍କ ମନରେ ନିଜ ଭାଷା, ସଂସ୍କୃତି ଓ ପରମ୍ପରା ପ୍ରତି ଗର୍ବବୋଧ ସୃଷ୍ଟି ହୁଏ।

ବଡ଼ ଓଷା ଆମର ଲୋକକଳା ଓ ସାଂସ୍କୃତିକ ପରମ୍ପରାର ସଂରକ୍ଷଣରେ ମଧ୍ୟ ସହାୟକ ହୋଇଥାଏ। ମନ୍ଦିର ଓ ମେଳା ପରିସରରେ ଭଜନ, ଜଣାଣ, ପାଲା, ଦାସକାଠିଆ ଓ ସଂକୀର୍ତ୍ତନ ଭଳି ପାରମ୍ପରିକ କଳାର ପରିବେଷଣ ଦେଖିବାକୁ ମିଳେ। ଏହି କଳାଗୁଡ଼ିକ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଆମର ଇତିହାସ, ଧାର୍ମିକ ଚେତନା ଓ ଲୋକଜୀବନର ଜୀବନ୍ତ ଦଲିଲ। ଏହା ମାଧ୍ୟମରେ ନୂତନ ପିଢ଼ି ନିଜର ମୌଳିକ ସାଂସ୍କୃତିକ ପରିଚୟ ସହ ପରିଚିତ ହେବାର ସୁଯୋଗ ପାଏ।

ଆଜିର ଦ୍ରୁତ ପରିବର୍ତ୍ତନଶୀଳ ସମୟରେ ବଡ଼ ଓଷା ଭଳି ପର୍ବର ସୁରକ୍ଷା ଓ ପ୍ରଚାର ପ୍ରସାର ଅତ୍ୟନ୍ତ ଆବଶ୍ୟକ। ଆଧୁନିକତାର ପ୍ରଭାବରେ ଆମର ଅନେକ ପାରମ୍ପରିକ ରୀତିନୀତି ଧୀରେ ଧୀରେ ହଜିବାକୁ ବସିଛି। ତେଣୁ ଏହି ପରମ୍ପରାକୁ କେବଳ ଧାର୍ମିକ ଆସ୍ଥା ମଧ୍ୟରେ ସୀମିତ ନ ରଖି ଏହାର ସାଂସ୍କୃତିକ, ସାମାଜିକ ଓ ଐତିହାସିକ ମହତ୍ତ୍ୱକୁ ନୂତନ ପିଢ଼ି ନିକଟରେ ପହଞ୍ଚାଇବା ଆବଶ୍ୟକ। ବିଦ୍ୟାଳୟ, ମହାବିଦ୍ୟାଳୟ, ସାଂସ୍କୃତିକ ଅନୁଷ୍ଠାନ ଓ ସାମାଜିକ ସଂଗଠନଗୁଡ଼ିକ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ। ଏହା ସହିତ ମନ୍ଦିର ପରିସରର ପରିଷ୍କାର ପରିଚ୍ଛନ୍ନତା, ନଦୀର ସୁରକ୍ଷା ଓ ପରିବେଶ ପ୍ରତି ସଚେତନତା ମଧ୍ୟ ଆମର ଦାୟିତ୍ୱ ହେବା ଉଚିତ।

ପରିଶେଷରେ କୁହାଯାଇପାରେ ଯେ, ବଡ଼ ଓଷା ହେଉଛି ଓଡ଼ିଆ ଜାତିର ଭକ୍ତି, ବିଶ୍ୱାସ, ତ୍ୟାଗ ଓ ସାଂସ୍କୃତିକ ଐତିହ୍ୟର ଏକ ମହାନ ଉତ୍ସବ। ଏହା ଆମକୁ କେବଳ ଈଶ୍ୱରଙ୍କ ନିକଟରେ ସମର୍ପିତ ହେବାକୁ ଶିଖାଏ ନାହିଁ, ବରଂ ପରସ୍ପର ପ୍ରତି ସ୍ନେହ, ସହଯୋଗ, ସହିଷ୍ଣୁତା ଓ ସଦ୍ଭାବନାର ଭାବନା ଜାଗ୍ରତ କରେ। ଏହି ପର୍ବ ଆମକୁ ନିଜ ମାଟି, ନିଜ ଭାଷା ଓ ନିଜ ସଂସ୍କୃତିକୁ ଭଲ ପାଇବାର ଶିକ୍ଷା ଦିଏ। ବାବା ଧବଳେଶ୍ୱରଙ୍କ ଅପାର କରୁଣାରୁ ପ୍ରତ୍ୟେକ ଓଡ଼ିଆଙ୍କ ଘରେ ସୁଖ, ଶାନ୍ତି ଓ ସମୃଦ୍ଧି ବିରାଜମାନ କରୁ ଏବଂ ଆମର ଏହି ଅନନ୍ୟ ସଂସ୍କୃତି ଯୁଗ ଯୁଗ ଧରି ଅକ୍ଷୁଣ୍ଣ ରହୁ। ଏହା ହିଁ ବଡ଼ ଓଷାର ମହାନ ଓ ପବିତ୍ର ବାର୍ତ୍ତା।

ସୌଭାଗ୍ୟ ରଞ୍ଜନ ମହାନ୍ତି
ଭୁବନେଶ୍ୱର

ପ୍ରକୃତି, ଜୀବନ ସତ୍ତା ଓ ବ୍ରହ୍ମାଣ୍ଡର ମୂଳ ଆଧାର

ପ୍ରାଚୀନ ଭାରତୀୟ ଦାର୍ଶନିକତା ଅନୁସାରେ, ପ୍ରକୃତି କେବଳ ଏକ ଭୌତିକ ସତ୍ତା ନୁହେଁ, ବରଂ ଏହା ଜୀବନ ଓ ବ୍ରହ୍ମାଣ୍ଡର ମୂଳ ଧାରା। ପଞ୍ଚ ମହାଭୂତ ହେଲେ – ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ। ଏହି ପାଞ୍ଚ ତତ୍ତ୍ୱ ମାନବ ଶରୀର, ବୃହତ୍ତର ପ୍ରକୃତି ଓ ସମଗ୍ର ବ୍ରହ୍ମାଣ୍ଡର ଗଠନର ଆଧାର। ପୃଥିବୀ ଦେଉଛି ଭୂମିକ ଆଧାର, ଜଳ ଜୀବନ ଧାରଣ କରେ, ଅଗ୍ନି ଶକ୍ତି ଓ ପରିଣତିର ସୂଚକ, ବାୟୁ ହେଉଛି ଗତିର ଶ୍ୱାସ, ଓ ଆକାଶ ଅଟଳ ଶୂନ୍ୟର ଚିହ୍ନ। ଯଦି ପ୍ରକୃତି ହିଁ ସମସ୍ତଙ୍କ ମୂଳ ଆଧାର, ତେବେ ମନୁଷ୍ୟ, ପଶୁ, ପକ୍ଷୀ, ଗଛ ଲତା କୀଟ ପତଙ୍ଗ ଏ ସମସ୍ତେ ପଞ୍ଚଭୂତର ଏକତା ମଧ୍ୟରୁ ଜନ୍ମିଥିବା ପ୍ରତିଫଳ। ବିଶ୍ୱ ବ୍ରହ୍ମାଣ୍ଡରେ ପୃଥିବୀ ଏକ ଗ୍ରହ ଯେଉଁଠି ଜୀବଜଗତ ବଞ୍ଚିତ ରହିବା ପାଇଁ ପାଣି, ପବନ, ମାଟି ଓ ଜଳବାୟୁ ଅନୁକୂଳ ଅଟେ। ପୃଥିବୀ ଗର୍ଭରେ ଥିବା ଖଣିଜ ପଦାର୍ଥ ଇତ୍ୟାଦିରେ ମହଜୁଦ ରହିଅଛି ଯେପରି କମ୍ପାନୀ ଯାନଟି ବାହାର କରିବା ପରେ ତାହାର ପାର୍ଟସ୍‌ଗୁଡ଼ିକ ବଜାରରେ ମହଜୁଦ କରିଥାଏ। ଏହା ସହ ସୌରଜଗତର ବିଭିନ୍ନ ଗ୍ରହ, ଉପଗ୍ରହ, ନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ରଙ୍କ ସୁପ୍ରଭାବ ଉଦ୍ଭିଦ ଓ ଜୀବଜଗତ ଉପରେ ରହିଅଛି। ପ୍ରକୃତିର ୨୪ ତତ୍ତ୍ୱାତ୍ମକ ତତ୍ତ୍ୱ ଦ୍ୱାରା ଜୀବଜଗତ ସୃଷ୍ଟି ହୋଇଅଛି। ତେଣୁ ଏହି ୨୪ ତତ୍ତ୍ୱ ପ୍ରତିଟି ଜୀବ ମଧ୍ୟରେ ବିଦ୍ୟମାନ। ସେଗୁଡ଼ିକ ହେଉଛି ପଞ୍ଚ ଜ୍ଞାନେନ୍ଦ୍ରିୟ– ଚକ୍ଷୁ, କର୍ଣ୍ଣ, ନାସା, ଜିହ୍ୱା ଓ ତ୍ୱଚା। ପଞ୍ଚ କର୍ମେନ୍ଦ୍ରିୟ– ବାକ୍, ଯାଦ, ପାଣି, ପାୟୁ ଯାହା ଗୁଦମାର୍ଗ ଓ ଉପସ୍ଥ ଯାହା ଜନନ୍ଦ୍ରିୟ, ତିନି ଗୁଣ ଅବ୍ୟକ୍ତ, ମହାନ ଓ ଅହଂକାରରୁ ସତ୍ତ୍ୱ, ରଜ ଓ ତମ, ପଞ୍ଚ ମହାଭୂତ– ପୃଥିବୀ, ଜଳ, ତେଜ, ବାୟୁ ଓ ଆକାଶ, ପାଞ୍ଚ ତନ୍ମାତ୍ରା– ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଓ ମନ । ଭଗବାନଙ୍କର ମାୟିକ ଶକ୍ତିଦ୍ୱାରା ଏ ସଂସାରର ସୃଷ୍ଟି । ପ୍ରକୃତିର ଗର୍ଭରେ ଭଗବାନ ଜୀବଙ୍କୁ ସ୍ଥାପିତ କରନ୍ତି । ପ୍ରତ୍ୟେକ ଜୀବର କର୍ମ ଅନୁଯାୟୀ, ପ୍ରକୃତି ତାଙ୍କ ପାଇଁ ଏକ ଉପଯୁକ୍ତ ଶରୀର ସୃଷ୍ଟି କରେ । ପ୍ରକୃତି ଦ୍ୱିବିଧ, ଯଥା– ପରା ଓ ଅପରା । ପରା (ଶ୍ରେଷ୍ଠା) ଜୀବ ସ୍ୱରୂପ ଚେତନାମୟୀ ପ୍ରକୃତି ଏହା ଜଗତକୁ ରକ୍ଷା କରୁଅଛି । ଏହାହିଁ ଜୀବର ପ୍ରାଣ । ଅପରା (ନିକୃଷ୍ଟା) କ୍ଷିତି, ଅପ୍, ତେଜଃ, ମରୁତ, ବ୍ୟୋମ, (ପଞ୍ଚଭୂତ) ମନ, ବୃଦ୍ଧି, ଓ ଅହଙ୍କାର ।

ଏତେ ସୁନ୍ଦର ସର୍ବଶ୍ରେଷ୍ଠ ପ୍ରକୃତି ସହିତ ଆମେ ଖେଳି ଚାଲିଛନ୍ତି ଯାହାର କୁ ପରିଣାମ ସମଗ୍ର ମାନବ ଜାତି ସହିତ ସମସ୍ତ ଜୀବ ଜଗତ ଭୋଗିବାକୁ ବାଧ ହେଉଛନ୍ତି। ପ୍ରକୃତିର ମୁଖ୍ୟ ଉପାଦାନ ବାୟୁ ଓ ଜଳ ଯାହାକୁ ଆମେ ସବୁଠାରୁ ଅଧିକ ଖରାପ କରି ଚାଲିଛେ। ଏହାଦ୍ୱାରା ବିଶ୍ୱର ଉତ୍ତାପ ବୃଦ୍ଧି ପାଇବାର ଲାଗିଛି ଓ ତାହାଦ୍ୱାରା ସମସ୍ତ ଅସୁବିଧା ବଢ଼ିବାର ଲାଗିଛି। ବିଶ୍ୱ ଉତ୍ତପ୍ତୀକରଣର ଏକ ସିଧାସଳଖ ପରିଣାମ ହେଉଛି ଜଳବାୟୁ ପରିବର୍ତ୍ତନ। ଅର୍ଥାତ, ବର୍ଷକୁ ଖରା, ବର୍ଷା, ଶୀତ ଯେଉଁ ସମୟରେ ଓ ଯେତିକି ମାତ୍ରାରେ ଘଟିବା କଥା ତାହା ଆଉ ହେଉ ନାହିଁ। ଭାରତୀୟ କୃଷିର ମୂଳାଧାର ମୌସୁମୀ ବାୟୁ ଆଜି ବେସୁରା ଓ ଅନିୟମିତ। ବର୍ଷା ଅଭାବରେ ଦିନେ ଯେଉଁ ଶସ୍ୟକ୍ଷେତ ଥିଲା ସବୁଜିମାମୟ, ତାହା ଆଜି ଟାଙ୍ଗରା ଓ ସୃଜନତାଶୂନ୍ୟ ପାଲଟି ଯାଇଛି। ଖରାଦିନର ତାପମାତ୍ରା ଏବେ ଭାରତର କିଛି ଅଞ୍ଚଳରେ ୫୦ ଡିଗ୍ରୀ ସେଲ୍‌ଫସିୟସ୍ ସୀମା ଛୁଇଁଲାଣି। ସେହିପରି ଶୀତଦିନର ତାପମାତ୍ରା ଭାରତର କିଛି ଅଞ୍ଚଳରେ ଶୂନ୍ୟ ଡିଗ୍ରୀ ସେଲ୍‌ଫସିୟସ୍ ତଳକୁ ମଧ୍ୟ ଖସି ଗଲାଣି। କ୍ରାନ୍ତିମଣ୍ଡଳୀୟ ସାମୁଦ୍ରିକ ଝଡ଼ର ସଂଖ୍ୟା ଆଶାତୀତ ବୃଦ୍ଧି ପାଇଛି ଏବଂ ଗୋଟିକ ପରେ ଗୋଟିଏ ଝଡ଼ ତାଣ୍ଡବ ରଚନା କରି ଚାଲି ଯାଉଛନ୍ତି। ବର୍ଷା ଅଭାବରେ ନଦୀ ଆଜି ଶୁଖିଲା । ଏବେକାର ପାନୀୟଜଳ ତଥା କୃଷିର ମୁଖ୍ୟ ଉତ୍ସ ଭୂତଳ ଜଳସ୍ତର ଉପରେ ଅତ୍ୟଧିକ ଚାପ ପ୍ରୟୋଗ ଯୋଗୁଁ ଭୂତଳ ଜଳସ୍ତର କମି କମି ଯାଉଛି। ସୁତରାଂ ବିଶ୍ୱର ଅଧିକାଂଶ ଦେଶରେ ଏବେ ଉତ୍କଟ ଜଳାଭାବ ଦେଖାଦେଇଛି। ବନ୍ୟା, ବାତ୍ୟା, ଜଙ୍ଗଲ ନିଆଁ ଓ ମରୁଡ଼ିର ସଂଖ୍ୟା ଦିନକୁଦିନ ବୃଦ୍ଧି ପାଉଛି। ଜଳବାୟୁ ପରିବର୍ତ୍ତନ ମଧ୍ୟ ଲୋକଙ୍କ ଜୀବନ ଓ ଜୀବିକା ଉପର ଘୋର ପ୍ରଭାବ ପକାଇଛି। ଜଙ୍ଗଲ ଉଜୁଡ଼ିଯିବା ଦ୍ୱାରା ବନ୍ୟଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳୁଥିବା ସ୍ଥାନୀୟ ଲୋକଙ୍କ ଜୀବିକା ବାଧାପ୍ରାପ୍ତ ହୋଇଛି। ସେହିପରି ସମୁଦ୍ରର ଅମ୍ଳୀୟ ଜଳରାଶିରେ ମାଛମାନଙ୍କ ଏନ୍ଥୁଡ଼ିଶାଳ 'ପ୍ରବାଳ ପ୍ରାଚୀର' ବିଶେଷ କ୍ଷତିଗ୍ରସ୍ତ ହେବା ଦ୍ୱାରା ବିଶ୍ୱସାରା ସାମୁଦ୍ରିକ ବାଣିଜ୍ୟ, ବିଶେଷକରି ମତ୍ସ୍ୟ ଉତ୍ପାଦନ ବାଧାପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ଏହାଉପରେ ନିର୍ଭର କରି ଚଳୁଥିବା ଲୋକଙ୍କ ଜୀବିକା ଉଜୁଡ଼ି ଯାଇଛି। ଜଳକୁ ଦୂଷିତ କରିବା ପ୍ରକ୍ରିୟା ହେଉଛି ଜଳ ପ୍ରଦୂଷଣ । ହ୍ରଦ, ନଦୀ, ନଳ, ସାଗର, ଏବଂ ଭୂତଳ ଜଳ ଇତ୍ୟାଦି ଦୂଷିତ ହୋଇପାରେ । ପରିବେଶରୁ ବାହାରୁଥିବା ଆବର୍ଜନା/ ଅପରିଷ୍କାର ପଦାର୍ଥ ପ୍ରତ୍ୟକ୍ଷ କିଂବା ପରୋକ୍ଷ ଭାବେ ପରିଷ୍କାର ନକରି ସିଧା ସଳଖ ଜଳାଶୟକୁ ନିଷ୍କାସନ କରିବାଦ୍ୱାରା ଜଳ ପ୍ରଦୂଷଣ ହୁଏ । ଜଳ

କୋଟିଆବାସୀଙ୍କ ମନ ଜିଣିବାକୁ ପ୍ରଶାସନର ସ୍ୱତନ୍ତ୍ର ପ୍ରୟାସ

ଡିସେମ୍ବର ୧ ଓ ୨ରେ ଧୁମଧାମରେ ପାଳନ ହେବ କୋଟିଆ ପରବ

ଜୟପୁର ,୨୨।୧୧ (ଆନିସ): କୋଟିଆବାସୀଙ୍କ ମନ ଜିଣିବା ସହ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ସହ ସେମାନଙ୍କୁ ଯୋଡ଼ିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଉଦ୍ୟମ ଆରମ୍ଭ ହୋଇଛି। ସୀମାନ୍ତ ଅଞ୍ଚଳ କୋଟିଆରେ ଆସନ୍ତା ଡିସେମ୍ବର ୧ ଓ ୨ ତାରିଖରେ ଧୁମଧାମରେ ପାଳନ ହେବ କୋଟିଆ ପରବ। ଏହା ପୂର୍ବରୁ ନଭେମ୍ବର ୨୫ରୁ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଆରମ୍ଭ ହେବ।କୋଟିଆର ଆଦିବାସୀ କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ବ୍ୟାପକ ପରିଚିତି ଦେବା ସହ ସ୍ଥାନୀୟ ଲୋକଙ୍କୁ ଏହି ଉତ୍ସବରେ ଅଧିକରୁ ଅଧିକ ସାମିଲ



କରିବାକୁ ପ୍ରଶାସନ ଗୁରୁତ୍ୱ ଦେଇଛି। ଅନ୍ୟପକ୍ଷରେ କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ଦୀର୍ଘଦିନ ଧରି ସୀମା ବିବାଦ ଲାଗି ରହିଥିବାରୁ ଏଥର ପରବର ଗୁରୁତ୍ୱ ଅଧିକ ବଢ଼ିଛି। ବିଶେଷକରି ଡିସେମ୍ବର ୨ ତାରିଖରେ ଆନ୍ଧ୍ର ପକ୍ଷରୁ ନିର୍ବାଚନ ଆୟୋଜନ ନେଇ ପ୍ରସ୍ତୁତି ଚାଲିଥିବାବେଳେ ଓଡ଼ିଶା ପ୍ରଶାସନର ଏହି ପରବ ଆୟୋଜନକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି।କୋଟିଆବାସୀଙ୍କ ସହ ସୁସମ୍ପର୍କ ସ୍ଥାପନ, ସେମାନଙ୍କ କଳା ଓ ସଂସ୍କୃତିକୁ ସମ୍ମାନ ଦେବା ସହ ବିକାଶର ମୁଖ୍ୟସ୍ରୋତରେ ସାମିଲ କରିବା ଏହି ପରବର ମୁଖ୍ୟ ଉଦ୍ଦେଶ୍ୟ। ଏଥିସହ ଅଞ୍ଚଳରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବାକୁ ପ୍ରଶାସନ ସଜାଗ ରହିଛି। କୌଣସି ପ୍ରକାର ବିଶୃଙ୍ଖଳା କିମ୍ବା ଅଶାନ୍ତି ସୃଷ୍ଟି ପାଇଁ ଉଦ୍ୟମ ହେଲେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ କହିଛନ୍ତି।ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ପରବର ସଫଳ ଆୟୋଜନ ନେଇ ଆଲୋଚନା କରିଥିଲେ।

ତେବେ କୋଟିଆ ପରବ କେବଳ ଏକ ସାଂସ୍କୃତିକ ଉତ୍ସବ ନୁହେଁ, ବରଂ ସୀମାନ୍ତ ଅଞ୍ଚଳର ଲୋକଙ୍କ ଭାବାବେଗ, ପରମ୍ପରା ଓ ସାଂସ୍କୃତିକ ପରିଚୟକୁ ସମ୍ମାନ ଦେବାର ଏକ ପ୍ରୟାସ। ଏହି ଆୟୋଜନ ମାଧ୍ୟମରେ ପ୍ରଶାସନ କେତେଦୂର କୋଟିଆବାସୀଙ୍କ ଆସ୍ଥା ଓ ବିଶ୍ୱାସ ଜିଣିପାରୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

ଚିତ୍ରକୋଣ୍ଡାରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଓ ସାରସ୍ୱତ ଆଲୋଚନା

ଚିତ୍ରକୋଣ୍ଡା,୨୨।୧୧ (ଆନିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ମାତୃଭୂମି ଓ ମାତୃଭାଷା ପରିବାରର ମିଳିତ ସହଯୋଗରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ତଥା ସାରସ୍ୱତ ଆଲୋଚନା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଜଗନ୍ନାଥଙ୍କ ଫୋଟ ରେ ପୂଜାର୍ଚ୍ଚନା କରାଯାଇ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ସାହିତ୍ୟିକ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ କବି, ଲେଖକ, ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗଦେଇ ନିଜ ନିଜ ସ୍ୱରଚିତ କବିତା ପାଠ କରିଥିଲେ। କବିତା ମାଧ୍ୟମରେ ସମାଜର ବାସ୍ତବ ଚିତ୍ର, ପ୍ରକୃତିର ସୌନ୍ଦର୍ଯ୍ୟ, ମାତୃଭାଷାର ମହତ୍ତ୍ୱ ଏବଂ ମାନବୀୟ ମୂଲ୍ୟବୋଧକୁ ଅତି ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଆୟୋଜିତ ସାରସ୍ୱତ ଆଲୋଚନାରେ ମାତୃଭାଷା ଓଡ଼ିଆର ସୁରକ୍ଷା, ପ୍ରଚାର-ପ୍ରସାର ଏବଂ ଆଧୁନିକ ସମୟରେ ସାହିତ୍ୟର ଭୂମିକା



ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଆଦିବାସୀ ଅଧ୍ୟୁଷିତ ଚିତ୍ରକୋଣ୍ଡା ଭଳି ଦୁର୍ଗମ ଅଞ୍ଚଳରେ ଏଭଳି ରାଜ୍ୟସ୍ତରୀୟ ସାହିତ୍ୟ ଆସର ଆୟୋଜନ କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳର ସାହିତ୍ୟପ୍ରେମୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ବେଶ୍? ଉତ୍ସାହ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ସୀମାନ୍ତବର୍ତ୍ତି ଅଞ୍ଚଳ ଗୁଡ଼ିକରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ହେବା ସହ ପଡୋଶୀ ରାଜ୍ୟ ମୁହାଁ ହେବେ ନାହିଁ ବୋଲି ମତ ରଖିଥିଲେ । ଏହି କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବେ ମାଲକାନଗିରି ଉପ ଜିଲ୍ଲାପାଳ ଶ୍ରୀଯୁକ୍ତ ସୋମନାଥ ପ୍ରଧାନ, ଚିତ୍ରକୋଣ୍ଡା ତହସିଲଦାର ଶ୍ରୀ ନଟବର ଗରଡ଼ା, ମୁଖ୍ୟ ବକ୍ତା ଭାବେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଡା ଭଗବାନ ଚନ୍ଦ୍ର ତ୍ରିପାଠୀ, ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ର ଉପସଚିବ ସଞ୍ଜୟ ଛୁଆଳସିଂହ ଯୋଗ ଦେଇଥିଲେ । ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡା. ପ୍ରକାଶ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ମାତୃଭୂମି ଓ ମାତୃଭାଷା ପରିବାରର ଉପେନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମ ଆବାହକ ଭାବେ ଯୋଗ ଦେଇଥିଲେ । ଶେଷରେ ସମସ୍ତ ଅତିଥି, କବି ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଚିତ୍ରକୋଣ୍ଡା ଚିତ୍ରଗିରି ସାହିତ୍ୟ ସଂସଦର ସମସ୍ତ ସଦସ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ଟି ବହୁ ଉଚ୍ଚକୋଟିର ହେବା ସହ ସଫଳ ମଣ୍ଡିତ ହୋଇପାରିଛି ।

ମୁନିଗୁଡ଼ାରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୭ତମ ଜୟନ୍ତୀ ପାଳିତ

ମୁନିଗୁଡ଼ା, ୨୨।୧୧ (ଆନିସ): ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୭ତମ ଜନ୍ମବାର୍ଷିକୀ ମୁନିଗୁଡ଼ା ଠାରେ ଶ୍ରଦ୍ଧା ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ସ୍ଥାନୀୟ ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଶହୀଦ ଲକ୍ଷ୍ମଣ ନାୟକ କ୍ଲବ' ପକ୍ଷରୁ ଏହି ଜୟନ୍ତୀ ଉତ୍ସବ ଆୟୋଜିତ ହୋଇଥିଲା। କ୍ଲବ ପକ୍ଷରୁ କ୍ଲବ ସଭାପତି ପଦ୍ମନାଭ ବେହେରାଙ୍କ ଅଧ୍ୟକ୍ଷତା ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ପ୍ରଥମେ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଥିଲା। ଏହାପରେ ଆୟୋଜିତ ସଭାରେ ଅତିଥିମାନେ ଯୋଗଦେଇ ଶହୀଦ ଲକ୍ଷ୍ମଣ ନାୟକଙ୍କ ଅସୀମ ସାହସ, ଅଦମ୍ୟ ଦେଶପ୍ରେମ ଏବଂ ଦେଶର ସ୍ୱାଧୀନତା ସଂଗ୍ରାମରେ ତାଙ୍କର



ଅତୁଳନୀୟ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ପ୍ରକାସ ଚନ୍ଦ୍ର ବେହେରା ସମ୍ମାନୀତ ଅତିଥି ଭାବେ ମୁନିଗୁଡ଼ା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ହୃଷୀକେଶ ଜାଲି, କ୍ଲବ ସମ୍ପାଦକ ପ୍ରଫୁଲ୍ଲ କୁମାର ଗୌଡ,ଓ ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଉତ୍ତମ କୁମାର ଦାସ ସଂଯୋଜନା କରିଥିଲେ।ଉତ୍ସବର ଅନ୍ୟତମ ଆକର୍ଷଣ ଥିଲା ବରିଷ୍ଠ ନାଗରିକ ଓ ସାମ୍ବାଦିକମାନଙ୍କୁ କ୍ଲବ ପକ୍ଷରୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯିବା। ଏହି ମାଧ୍ୟମରେ ସମାଜ ପ୍ରତି ସେମାନଙ୍କ ଅବଦାନ ଓ ସେବାକୁ ସମ୍ମାନ ଜଣାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଉତ୍ସବକୁ ସଫଳ କରିଥିଲେ। ଶେଷରେ କ୍ଲବ ପକ୍ଷରୁ ସୁଦର୍ଶନ ସାହୁ ଧନ୍ୟବାଦ ଅର୍ପଣ କରିଥଲେ ।

ସହିଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀରେ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ

ଜୟପୁର ,୨୨।୧୧ (ଆନିସ): ସହିଦ ଲକ୍ଷ୍ମଣ ନାୟକଙ୍କ ୧୨୮ତମ ଜୟନ୍ତୀ ଅବସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) କୋରାପୁଟ ଜିଲ୍ଲା ପରିଷଦ ପକ୍ଷରୁ ମାଥିଲିଠାରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ସିପିଆଇ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ କୁମାର ମହାନ୍ତି ଆଦିବାସୀଙ୍କ ଜଳ, ଜମି ଓ ଜଙ୍ଗଲ ଅଧିକାରର ସୁରକ୍ଷା



ସହ ସେମାନଙ୍କ ହକ୍ ପାଇଁ ସମସ୍ତେ ଏକଜୁଟ ହୋଇ ଲଢ଼ିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଏଆଇଟିୟୁସି ଜିଲ୍ଲା ସଭାପତି ଯୁଧିଷ୍ଠିର ରାଉଳ, ସିପିଆଇ ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାସ ଓ ବରିଷ୍ଠ କର୍ମୀ ବଳରାମ ନାୟକଙ୍କ ସମେତ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

ସହିଦ ଲକ୍ଷ୍ମଣ ନାୟକଙ୍କ ୧୨୮ତମ ଜୟନ୍ତୀ ପାଳିତ



ଜୟପୁର, ୨୨।୧୧ (ଆନିସ): ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସମିତି, ଜୟପୁର ପକ୍ଷରୁ ମହାନ ସ୍ୱାଧୀନତା ସଂଗ୍ରାମୀ ସହିଦ ଲକ୍ଷ୍ମଣ ନାୟକଙ୍କ ୧୨୮ତମ ଜନ୍ମଜୟନ୍ତୀ ପାଳିତ ହୋଇଛି। ଜୟପୁରସ୍ଥିତ ଗୁଣ୍ଡେଶ୍ୱର କମ୍ପ୍ଲେକ୍ସଠାରେ ଥିବା ସହିଦଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ବିଡିଓ ଶକ୍ତି ମହାପାତ୍ର ଓ ଅତିଥି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯଶୋଦା ଗାଦବା ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ବିନିତା ପ୍ଲେ ସ୍କୁଲ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିଯୋଗିତା ଆୟୋଜନ ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସହିଦଙ୍କ ତ୍ୟାଗ, ଦେଶପ୍ରେମ ଓ ସ୍ୱାଧୀନତା ସଂଗ୍ରାମରେ ଅବଦାନ ସମ୍ପର୍କରେ ଆଲୋଚନା ହେବା ସହ ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମ ଓ ଜାତୀୟତାବୋଧ ଜାଗ୍ରତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ସହିଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଉପରେ ଶିଶୁଙ୍କ ନାଟକ ପରିବେଷଣ

ଜୟପୁର,୨୨।୧୧ (ଆନିସ): ସହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମଦିବସ ଅବସରରେ ବନିତା ଆକ୍ଟିଭିଟି ସ୍କୁଲ ପକ୍ଷରୁ ଏକ ସୁନ୍ଦର ନାଟକ ପରିବେଷଣ କରାଯାଇଥିଲା। ସ୍କୁଲ ନିର୍ଦ୍ଦେଶିକା ଡଃ ବନିତା



ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଛୋଟ ଛୋଟ ଶିଶୁ ଓ ଶିକ୍ଷକମାନେ ନାଟକ ମାଧ୍ୟମରେ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଦେଶପ୍ରେମ, ତ୍ୟାଗ ଓ ବଳିଦାନର ଗାଥା ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜୟପୁର ବିଡିଓ ଶକ୍ତି ମହାପାତ୍ର ଓ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା ଯୋଗଦେଇ ଶିଶୁମାନଙ୍କୁ ପୁରସ୍କୃତ କରିଥିଲେ। ଶିଶୁ ଓ ଶିକ୍ଷକଙ୍କ ଏହି ଅଭିନବ ପ୍ରୟାସ ଉପସ୍ଥିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

ମାଲକାନଗିରି ଜିଲ୍ଲାରେ ସମନ୍ୱିତ ପଲ୍ସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ

ମାଲକାନଗିରି, ୨୨।୧୧ (ଆନିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମାଲକାନଗିରି ଠାରେ ଜିଲ୍ଲାସ୍ତରୀୟ ସମନ୍ୱିତ ପଲ୍ସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ପୁଇ ବୁନ୍ଦା ପୋଲିଓ ଔଷଧ ଖୁଆଇ ଏହି ଅଭିଯାନର ଉଦଘାଟନ କରିଥିଲେ।

ଏହି ଅଭିଯାନ ମାଧ୍ୟମରେ ଆଜି ଜିଲ୍ଲାର ପ୍ରାୟ ୭୪,୫୪୨ ଜଣ ଜନ୍ମରୁ ୫ ବର୍ଷ ବୟସର ଶିଶୁଙ୍କୁ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ପରିସରରେ ଥିବା ପଲ୍ସ ପୋଲିଓ ବୁଥରେ ଟୀକା ପ୍ରଦାନ କରାଯାଉଛି। ଏଥିପାଇଁ ଜିଲ୍ଲାରେ ୭୫୨ଟି ପୋଲିଓ ଟୀକାଦାନ କେନ୍ଦ୍ର, ୫୨ଟି ମୋବାଇଲ ଦଳ ଏବଂ ୫୮ଟି ଟ୍ରାଞ୍ଜିଟ୍ ଦଳ ଗଠନ କରାଯାଇଛି। ଯେଉଁ ଶିଶୁମାନେ ଆଜି ଟୀକା ନେବାରୁ ବଞ୍ଚିତ ହେବେ,



ସେମାନଙ୍କୁ ଆସନ୍ତା ୨୩ ଓ ୨୪ ତାରିଖ ଦୁଇ ଦିନ ଧରି ଆଶା, ଅଙ୍ଗନବାଡ଼ି ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ପୋଲିଓ ବୁନ୍ଦା ପ୍ରଦାନ କରିବେ।

ଜିଲ୍ଲାର ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳର କୌଣସି ବି ଯୋଗ୍ୟ ଶିଶୁ ଯେପରି ଟୀକାକରଣରୁ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜିଲ୍ଲାପାଳ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସମସ୍ତ ଅଭିଭାବକ ସଚେତନ ହୋଇ ନିଜ ଶିଶୁଙ୍କୁ ନିକଟସ୍ଥ ବୁଥକୁ ଆଣି ପୋଲିଓ ବୁନ୍ଦା ଖୁଆଇବାକୁ ସେ ନିବେଦନ କରିଥିଲେ।

ଆଜିର ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମାନସ ରଞ୍ଜନ ପଣ୍ଡା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଏମ୍. ଏମ୍. ଆବିଦ ହୁସେନ୍, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ-ପରିବାର କଲ୍ୟାଣ ଡା. ମିନତୀ ମହାନ୍ତି, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ଡଃ ମୌସୁମୀ ମିଶ୍ର, ୟୁନିସେଫ୍‌ର ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷକ ଚକ୍ରଧର ସାହୁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଜୟପୁର କଂଗ୍ରେସ କାର୍ଯ୍ୟାଳୟରେ ସହିଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ

ଜୟପୁର ,୨୨।୧୧ (ଆନିସ): କୋରାପୁଟ ମାଟିର ବୀର ସନ୍ତାନ ତଥା ଅମର ସ୍ୱାଧୀନତା ସଂଗ୍ରାମୀ ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ଜୟନ୍ତୀ ଅବସରରେ ଜୟପୁର କଂଗ୍ରେସ କାର୍ଯ୍ୟାଳୟଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। କୋରାପୁଟ ଜିଲ୍ଲା କଂଗ୍ରେସ ପକ୍ଷରୁ ତାଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରାଯାଇଥିଲା। ଏହି ଅବସରରେ ଲକ୍ଷ୍ମଣ ନାୟକଙ୍କ ଜୀବନୀ, ସଂଘର୍ଷ ଓ ଦେଶ ପାଇଁ ତାଙ୍କ ଅତୁଳନୀୟ ବଳିଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଦେଶର ସ୍ୱାଧୀନତା ପାଇଁ ବ୍ରିଟିଶ



ଶାସନ ବିରୋଧରେ ସଂଗ୍ରାମ କରି ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କର ଅଦମ୍ୟ ସାହସ, ଦେଶପ୍ରେମ ଓ ତ୍ୟାଗ ଆଗାମୀ ପିଢ଼ି ପାଇଁ ସଦା ପ୍ରେରଣାଦାୟୀ ହୋଇ ରହିବ ବୋଲି ଉପସ୍ଥିତ ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟପୁର ପୌରପାଳିକା ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୂର୍ବତନ ବିଧାୟକ ନିମାଇଁ ସରକାର, ବରିଷ୍ଠ କଂଗ୍ରେସ କର୍ମୀ ବିନୋଦ ନାୟକ, ବସନ୍ତ ନାୟକ, ସୁକାନ୍ତ ପଟ୍ଟନାୟକ, ସୁରଜିତ ରାଉତରାୟ, ବିଶ୍ୱଜିତ ଦଣ୍ଡସେନା, ରାମ ନାୟକଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ସହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ ପାଳିତ

ମାଲକାନଗିରି,୨୨।୧୧ (ଆନିସ): ଆଜି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଯୋଗଦେଇ ସହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସମବେତ ଛାତ୍ରୀ ଓ ଅତିଥିମାନଙ୍କୁ ସମ୍ବୋଧିତ କରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ପ୍ରଧାନ କହିଥିଲେ ଯେ ସ୍ୱାଧୀନତା ସଂଗ୍ରାମର ପ୍ରତ୍ୟେକ ପର୍ଯ୍ୟାୟରେ ଓଡ଼ିଶାର ଆଦିବାସୀ ସମାଜ ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ନିଜର ଦେଶପ୍ରେମ, ଜାତୀୟତାବୋଧ ଓ ସ୍ୱାଭିମାନର ପରିଚୟ ଦେଇଆସିଛି। ଅବିଭକ୍ତ କୋରାପୁଟ ଜିଲ୍ଲାରେ ଭାରତଛାଡ଼ ଆନ୍ଦୋଳନର ନେତୃତ୍ୱ ନେଇଥିବା ଆଦିବାସୀ ବୀର ଲକ୍ଷ୍ମଣ ନାୟକଙ୍କ ଅସାଧାରଣ ଦେଶପ୍ରେମ, ଅଦମ୍ୟ ସାହସ ଓ ଅସୀମ ତ୍ୟାଗ ସମ

ମୌଳିକ ସୁବିଧାରୁ ବଞ୍ଚିତ ଭାଟିଫାସ ଗ୍ରାମ

ରାସ୍ତା ଓ ପାନୀୟ ଜଳ ପାଇଁ ହନ୍ତସନ୍ତ ଗ୍ରାମବାସୀ



ଥୁଆମୂଳ ରାମପୁର,୨୨।୧୧(ଆନିସ):ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଥିବା ଡିଣ୍ଡିମ ପିଟୁଥିବା ବେଳେ ଆଜି ବି ଅନେକ ଗାଁ ମୌଳିକ ସୁବିଧାରୁ ବଞ୍ଚିତ ହୋଇରହିଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ପାଡେପଦର ଗ୍ରାମପଞ୍ଚାୟତ ନିକଟସ୍ଥ ଭାଟିଫାସ ଗ୍ରାମରେ। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଏହି ଗାଁକୁ ଭଲ ରାସ୍ତା, ପାନୀୟ ଜଳ, ଏବଂ ସ୍ୱାସ୍ଥ୍ୟସେବା ଭଳି ସର୍ବନିମ୍ନ ସୁବିଧା ପହଞ୍ଚି ପାରିନାହିଁ।

ଗାଁକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡୁଛି। ବର୍ଷା ଦିନ ଆସିଲେ କାଦୁଅ ପଚପଚ ରାସ୍ତାରେ ଯାତାୟାତ କରିବା ଅସମ୍ଭବ ହୋଇପଡେ। ଫଳରେ ଗ୍ରାମବାସୀ ଅନେକ ଲୋକ ନାହିଁନଥିବା ଅସୁବିଧା ଭୋଗୁଛନ୍ତି, ଏପରିକି ଗାଁକୁ ଆମ୍ବୁଲାନ୍ସ ଅପହଞ୍ଚ ରହୁଛି। ସବୁଠାରୁ ବଡ ସମସ୍ୟା ହେଉଛି,କୌଣସି ରୋଗୀ କିମ୍ବା ଗର୍ଭବତୀ ମହିଳା ଗୁରୁତର ହେଲେ ଗାଁ ପଶିପାରୁ ନାହିଁ। ବାଧ ହୋଇ ଗ୍ରାମବାସୀ ଖଟିଆରେ ବୋହି ରୋଗୀଙ୍କୁ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ନେଉଛନ୍ତି। ସେହିପରି ଗାଁରେ ପାନୀୟ ଜଳର ଘୋର ସଙ୍କଟ ଦେଖାଦେଇଛି।ଗାଁରେ ଥିବା ନଳକୂପଟି ଅଚଳ ହୋଇପଡିଲେ ଦୂଷିତ ଚୁଆଁ କିମ୍ବା ନାଳରୁ ପାଣି ପିଇବା ପାଇଁ ବାଧ ହେଉଛନ୍ତି। ଏହାଦ୍ୱାରା ଗାଁରେ ବିଭିନ୍ନ ଜଳବାହିତ ରୋଗ ବ୍ୟାପିବାର ଅନେକ ଆଶଙ୍କା ସୃଷ୍ଟି ହୁଏ। ବିଦ୍ୟୁତ। ସେବା ମଧ୍ୟ ଅନିୟମିତତା ହୋଇଥିବାରୁ ସନ୍ଧ୍ୟା ହେଲେ ଗାଁ ଅନ୍ଧାରେ ବୁଡି ରହେ। ସପ୍ତେଦନଶୀଳ ବିଷୟ ଏହା ଯେ ଗାଁରେ ବିଦ୍ୟାଳୟ ଟିଏ ନାହିଁ ବୋଲି ଗରିବ ଲୋକମାନଙ୍କ ପୁଅଝିଅ ଙ୍କ ପାଠ ପଢିବାରୁ ବଞ୍ଚିତ ରହୁଛନ୍ତି। ଯାହାଦ୍ୱାରା ଗାଁର ପିଲାମାନଙ୍କ ଭବିଷ୍ୟତ ଅନ୍ଧାର ଘେରରେ ରହିଛି। ଏହି ସମସ୍ୟା ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। କେବଳ ନିର୍ବାଚନ ଆସିଲେ ନେତାମାନେ ପ୍ରତିଶ୍ରୁତି ଦେଇ ଭୋଟନେଇଯାଆନ୍ତି, କିନ୍ତୁ ପରେ ଗାଁ କଥା ଭୁଲିଯାଆନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଗାଁରେ ମୌଳିକ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଲାଞ୍ଚ ନେବା ବେଳେ ଧରାପଡିଲେ ଏମ୍ଆଇଏସ୍ ଆସିଷ୍ଟାଣ୍ଟ

ଭବାନୀପାଟଣା,୨୨।୧୧(ଆନିସ): କଳାହାଣ୍ଡି ଜିଲାରେ ପୁଣି ଜଣେ ସରକାରୀ କର୍ମଚାରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଶେଷ ବିଲ କରାଇଦେବା ପାଇଁ ଜଣେ ହିତାଧିକାରୀଙ୍କଠାରୁ ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଶନିବାର ଜୁନାଗଡ଼ ଏନ୍ଏସିର ଏମ୍ଆଇଏସ୍ ଆସିଷ୍ଟାଣ୍ଟ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।ସୂଚନା ଅନୁଯାୟୀ, ଜଣେ ଆବାସ ଯୋଜନା ହିତାଧିକାରୀଙ୍କ ଘର ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ଶେଷ ବିଲ ପ୍ରସ୍ତୁତ କରିବା ପାଇଁ ସମ୍ପୃକ୍ତ କର୍ମଚାରୀ ୭ ହଜାର ଟଙ୍କା ଦାବି କରିଥିଲେ। ଏନେଇ ହିତାଧିକାରୀ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଶନିବାର ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ଅଧିକ ପଚରାଉଚରା ଓ ତଦନ୍ତ ପାଇଁ ଭବାନୀପାଟଣାସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇଛନ୍ତି। ପ୍ରକାଶ ଥାଉକି, ଏହାର ଦୁଇ ଦିନ ପୂର୍ବରୁ ଗୁରୁବାର ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକ ଓ ତାଙ୍କ ଡ୍ରାଇଭର ପଙ୍କଜ ସିପକା ୧୨ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ଜମିର କିସମ ପରିବର୍ତ୍ତନ ଓ ସଂଶୋଧିତ ପଟ୍ଟା ପ୍ରଦାନ ମାମଲାରେ ଏହି ଘଟଣା ଘଟିଥିଲା। ଶୁକ୍ରବାର ଜାମିନ ନ ମିଳିବାରୁ ତହସିଲଦାର ଓ ତାଙ୍କ ଡ୍ରାଇଭର ଜେଲ ଯାଇଥିଲେ। ଲଗାତାର ଦୁଇ ଦିନରେ ଜିଲାର ଦୁଇଟି ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଲାଞ୍ଚ ମାମଲାରେ ଭିଜିଲାନ୍ସ ହାତରେ ଧରାପଡ଼ିବା ଘଟଣା ଜିଲାର ଚର୍ଚ୍ଚାର ବିଷୟ ହୋଇଛି।

ପୂର୍ବତନ ଏନଏ ସି ଅଧକ୍ଷଙ୍କ ଧର୍ମପତ୍ନୀଙ୍କ ପରଲୋକ

ଘୁ.ଉଦୟଗିରି,୨୨।୧୧(ଆନିସ): ଘୁ.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ଦ୍ୱିତୀୟ ଏନଏସି ଅଧକ୍ଷ ସ୍ୱର୍ଗତ କବି ଚନ୍ଦ୍ର ଦଳବେହେରାଙ୍କ ଧର୍ମପତ୍ନୀ ପଦ୍ମିନୀ ଦଳବେହେରା(୮୧)ଙ୍କ କଚେରୀ ସାହି ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସେ ଜଣେ ଧର୍ମ ପରାୟଣ, ପରୋପକାରୀ ମହିଳା ଥିଲେ । ତାଙ୍କ ବିୟୋଗ ରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି । ତାଙ୍କର ଅନ୍ତିମ ଶଯ୍ୟା ନିକଟରେ ତିନି ପୁଅ, ଝିଅ ଆତ୍ମୀୟ ସ୍ୱଜନ ଉପସ୍ଥିତ ରହି ନୁଆଁ ହାଟ ସ୍ଥିତ ସ୍ମଶାନ ରେ ରୀତିନୀତି ଅନୁଯାୟୀ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା। ତାଙ୍କ ବିୟୋଗରେ ଘୁ.ଉଦୟଗିରି ପ୍ରେସ କ୍ଲବ ସଭାପତି ସମେତ ସମସ୍ତ ସଭ୍ୟ, ବରିଷ୍ଠ ବ୍ୟବସାୟୀ ଅବଦୁଲ ବାରି, କୁନା ପ୍ରଧାନ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ତଥା ବ୍ଲକ କଂଗ୍ରେସ ସଭାପତି ମନମୋହନ ପ୍ରଧାନ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି ।

ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନାଗାବଳୀ ଛାତ୍ରୀ ନିବାସରେ ଖାଦ୍ୟରୁ ପୋକ ବାହାରିବା ଘଟଣା

ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି



ଭବାନୀପାଟଣା,୨୨।୧୧(ଆନିସ): ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନାଗାବଳୀ ଛାତ୍ରୀ ନିବାସରେ ଛାତ୍ରୀମାନଙ୍କୁ ପରିବେଷଣ କରାଯାଉଥିବା ଖାଦ୍ୟର ମାନକୁ ନେଇ ଗୁରୁତର ଅଭିଯୋଗ ଉଠିଛି। ଗତ ୧୫ ନଭେମ୍ବର ରବିବାର ମଧ୍ୟାହ୍ନଭୋଜନ ସମୟରେ ଜଣେ ଛାତ୍ରୀଙ୍କ ଖାଦ୍ୟ ଥାଳିରୁ ଏକ ବଡ଼ ପୋକର ଲାର୍ଭା ବାହାରିଥିବା ଅଭିଯୋଗ ହୋଇଛି। ଏ ନେଇ ସୋସିଆଲ ମିଡିଆରେ ଫଟୋ ଭାଇରାଲ ହେବାପରେ ଛାତ୍ରୀନିବାସରେ ରହୁଥିବା ଅନ୍ତେବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଖାଦ୍ୟର ସ୍ୱଚ୍ଛତା ଓ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଏହି ଘଟଣା ନେଇ ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ଖାଦ୍ୟ ନିରାପତ୍ତାର ପଦସ୍ଥ ଅଧିକାରୀ ସନ୍ତୋଷ କୁମାର ମହାପାତ୍ର ଏବଂ ଖାଦ୍ୟ ନିରାପତ୍ତା ଅଧିକାରୀ ବିଶ୍ୱଜିତ ନାୟକ ଉଭୟଙ୍କୁ ସାକ୍ଷାତ କରିବା ସହ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ସମସ୍ତ ହଷ୍ଟେଲ ନିରିକ୍ଷଣ ପାଇଁ ଦାବିପତ୍ର ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଛାତ୍ରୀନିବାସର ରୋଷେଇଶାଳାରେ ପରିମଳ ବ୍ୟବସ୍ଥା ଓ ଖାଦ୍ୟର ଗୁଣବତ୍ତା ପ୍ରତି ଆବଶ୍ୟକ ଧ୍ୟାନ ଦିଆଯାଉନାହିଁ। ଏପରିକି ଘଟଣାଟିକୁ ଚାପି ଦେବାକୁ ହଷ୍ଟେଲ ଅଧିକ୍ଷକ ଉଦ୍ୟମ କରିଥିବା ମଧ୍ୟ ଅଭିଯୋଗ ହୋଇଛି।

ଅନ୍ୟପକ୍ଷରେ, ମେସ୍ ପରିଚାଳନା ପାଇଁ ବୈଧ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଲାଇସେନ୍ସ ରହିଛି କି ନାହିଁ ଏବଂ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିୟମାନୁଯାୟୀ ଟେଣ୍ଡର ପ୍ରକ୍ରିୟା ଅନୁସରଣ କରାଯାଇଛି କି ନାହିଁ ଯାଞ୍ଚ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ହୋଇଛି। ବିନା ଉପଯୁକ୍ତ ଅନୁମତି ଓ ଯାଞ୍ଚରେ ଶତାଧିକ ଛାତ୍ରୀଙ୍କୁ ଖାଦ୍ୟ ଯୋଗାଣ କରାଯାଉଥିବା ଅଭିଯୋଗ ହୋଇଛି।

ବିଜୁ ଯୁବ ଜନତା ଦଳ ପକ୍ଷରୁ ନାଗାବଳୀ ଛାତ୍ରୀନିବାସର ରୋଷେଇଶାଳା ଓ ଖାଦ୍ୟର ମାନ ତୁରନ୍ତ ଯାଞ୍ଚ କରିବା, ମେସ୍ ପରିଚାଳକ ଓ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରି ଆବଶ୍ୟକ ପ୍ରଶାସନିକ ଓ ଆଇନଗତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏଥିସହ ପୁରୁଣା ମେସ୍ ବ୍ୟବସ୍ଥାର ସମୀକ୍ଷା କରି ବୈଧ ଫୁଡ୍ ସେଫଟି ଲାଇସେନ୍ସଧାରୀ ସଂସ୍ଥାକୁ ସ୍ୱଚ୍ଛ ଟେଣ୍ଡର ପ୍ରକ୍ରିୟାରେ ମେସ୍ ପରିଚାଳନା ଦାୟିତ୍ୱ ଦେବା ପାଇଁ ମାନକ ପରିଚାଳନା ପ୍ରକ୍ରିୟା ନିର୍ଧାରଣ କରିବା, ଛାତ୍ରୀମାନଙ୍କୁ ନିୟମିତ ଭାବେ ସ୍ୱାସ୍ଥ୍ୟକର ଓ ଗୁଣାତ୍ମକ ଖାଦ୍ୟ ଯୋଗାଇବାକୁ ଦାବି କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର, କେ ପ୍ରବୀଣ କୁମାର, ସିଦ୍ଧାର୍ଥ ନାୟକ, ଭୋଳାନାଥ ନାଗ, ସୁରଜ୍ ହରପାଲ, ଆଦିତ୍ୟ ରାଉତ, କଳିକେଶ ଖମାରୀ ପ୍ରମୁଖ ଯୋଗ ଦେଇଥିଲେ।

ସମ୍ବଲପୁର ମହୋତ୍ସବରେ ଯୁବ କବି ଟୋନିସ ରୋହିଦାସ ସମ୍ମାନିତ



ସୁନ୍ଦରଗଡ଼,୨୨।୧୧(ଆନିସ): ସମ୍ବଲପୁର ମହୋତ୍ସବ ୨୦୨୬ରେ ସୁନ୍ଦରଗଡ଼ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଯୁବ କବି ଟୋନିସ ରୋହିଦାସ। ମହୋତ୍ସବ ଅବସରରେ ଆୟୋଜିତ ସମ୍ବଲପୁରୀ କବିତା ମହୋତ୍ସବରେ ତାଙ୍କୁ ସମ୍ମାନିତ କରାଯାଇଛି। ପଶ୍ଚିମ ଓଡ଼ିଶାର ଭାଷା, ସାହିତ୍ୟ, କଳା ଓ ସଂସ୍କୃତିକୁ ନେଇ ଆୟୋଜିତ ଏହି ସାହିତ୍ୟିକ ମଞ୍ଚରେ ପଶ୍ଚିମ ଓଡ଼ିଶାର ବହୁ କବି, କବୟିତ୍ରୀ, ଲେଖକ ଓ ଲେଖିକା ଯୋଗଦେଇ ନିଜ ନିଜର ସାହିତ୍ୟ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ମହୋତ୍ସବ ସମ୍ବଲପୁରୀ ଭାଷା ଓ କବିତାର ମହତ୍ତ୍ୱକୁ ଆହୁରି ଲୋକ ଲୋଚନକୁ ଆଣିବା ସହିତ ନୂତନ ପିଢ଼ିର ସାହିତ୍ୟିକମାନଙ୍କୁ ଏକ ସୁନ୍ଦର ମଞ୍ଚ ପ୍ରଦାନ କରିଛି।

ଯୁବାବସ୍ଥାରୁ ସାହିତ୍ୟ ଓ ସଂସ୍କୃତି ପ୍ରତି ଆଗ୍ରହ ରଖିଥିବା ଟୋନିସ ରୋହିଦାସ ସମ୍ବଲପୁରୀ ଭାଷା ଓ ପଶ୍ଚିମ ଓଡ଼ିଶାର କଳା ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କର ଏହି ସମ୍ମାନ କେବଳ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ସୁନ୍ଦରଗଡ଼ ଜିଲ୍ଲାର ସାହିତ୍ୟ ଓ ସଂସ୍କୃତି ଜଗତ ପାଇଁ ମଧ୍ୟ ଏକ ଗୌରବର ବିଷୟ।

ଏହି ସଫଳତା ପରେ ଟୋନିସ ରୋହିଦାସଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି। ତାଙ୍କର ଏହି ସମ୍ମାନ ଆଗାମୀ ଦିନରେ ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ଆହୁରି କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି।

ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର, ଅଘଟଣ ଆଶଙ୍କା

ମୁନିଗୁଡା ୨୧।୧୧(ଆନିସ): ରାସ୍ତା କଡ଼ରେ ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଓ ତାର । ନିକଟରେ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ ଓ ସାପ୍ତାହିକ ହାଟ ଥିବା ସତ୍ତ୍ୱେ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନଥିବାରୁ ଯେକୌଣସି ମୁହୂର୍ତ୍ତରେ ଏକ ବଡ଼ ଧରଣର ଅଘଟଣ ଘଟିବାର ଆଶଙ୍କା। ଦେଖାଦେଇଛି । ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ହାଟ ପଦା ସାହି ନିକଟସ୍ଥ ମୁଖ୍ୟ ରାସ୍ତା କଡ଼ରେ ।

ସୂଚନା ଅନୁଯାୟୀ, ହାଟ ପଦା ସାହି ନିକଟରେ ଥିବା ଏହି ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ଅତ୍ୟନ୍ତ ଅସୁରକ୍ଷିତ ଭାବେ ରହିଛି । ଟ୍ରାନ୍ସଫର୍ମରରୁ ବାହାରିଥିବା ମୋଟା ମୋଟା ବିଦ୍ୟୁତ୍ ତାରଗୁଡ଼ିକ ତଳକୁ ଝୁଲି ରହିବା ସହ ଲତା ଓ ବୁଦା ଭିତରେ ଛନ୍ଦି ହୋଇ ରହିଛି । ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି, ଟ୍ରାନ୍ସଫର୍ମରର ଚାରିପଟେ କୌଣସି ସୁରକ୍ଷା ବାଡ଼ ନଥିବା ବେଳେ ତାରଗୁଡ଼ିକ ମାତ୍ର ଅଳ୍ପ ଉଚ୍ଚତାରେ ଝୁଲି ରହିଛି ।

ଏହି ଟ୍ରାନ୍ସଫର୍ମରର ଅତି ନିକଟରେ ଶିଶୁ ବିଦ୍ୟା ମନ୍ଦିର, ସତ୍ୟ ସାଇ ମନ୍ଦିର ଏବଂ ସାପ୍ତାହିକ ହାଟ ରହିଛି । ଫଳରେ ପ୍ରତିଦିନ ଶହ ଶହ କୁନି କୁନି ଛାତ୍ରଛାତ୍ରୀ, ଶ୍ରଦ୍ଧାଳୁ ଏବଂ ସାପ୍ତାହିକ ହାଟକୁ ଆସୁଥିବା ବ୍ୟବସାୟୀ ଓ ସାଧାରଣ ଲୋକେ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି । ବିଶେଷକରି ହାଟ ଦିନ ଏଠାରେ ପ୍ରବଳ ଜନସମାଗମ ହେଉଥିବା ବେଳେ ଗାଈଗୋରୁ ମଧ୍ୟ ଏହି ଅଞ୍ଚଳରେ ବିଚରଣ କରିଥାନ୍ତି । ଖୋଲାମେଲାରେ ତାରଗୁଡ଼ିକ ଝୁଲି ରହିଥିବାରୁ ଟିକିଏ ଅସାବଧାନତା ହେଲେ ଧନଜୀବନ ହାନି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏ ନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର ବିଦ୍ୟୁତ୍ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି । ତୁରନ୍ତ ବିଦ୍ୟୁତ୍ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଇ ଝୁଲି ରହିଥିବା ତାରଗୁଡ଼ିକର ମରାମତି କରିବା ସହ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ନିର୍ମାଣ କରିବାକୁ ଅଞ୍ଚଳ ବାସୀ,ସତ୍ୟ ସାଇ ସେବା ସମିତି ସଦସ୍ୟ ଓ ଶିଶୁ ବିଦ୍ୟା ମନ୍ଦିର କର୍ତ୍ତୃପକ୍ଷ ଦୃଢ଼ ଦାବି କରିଛନ୍ତି।

ନବରଙ୍ଗପୁରରେ ମହାନ ସ୍ୱାଧୀନତା ସଂଗ୍ରାମୀ ସହିଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ



ନବରଙ୍ଗପୁର,,୨୨।୧୧(ଆନିସ): ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଅମର ସହିଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ନବରଙ୍ଗପୁରସ୍ଥିତ ଲକ୍ଷ୍ମଣ ନାୟକ ବିଦ୍ୟାପୀଠ ପରିସରରେ ଆଜି ଶ୍ରଦ୍ଧା, ସମ୍ମାନ ଓ ମର୍ଯ୍ୟାଦାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧକ୍ଷ, ନବରଙ୍ଗପୁର ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ନବରଙ୍ଗପୁର ପୌରପାଳିକାର ଅଧକ୍ଷ କୁନୁ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ପୌରପାଳିକାର ନିର୍ବାହୀ ଅଧିକାରୀ ଡଃ ଅଶୋକ କୁମାର କର୍ଣ୍ଣ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ସମାଜସେବୀ ଦେବଦାସ ମହାଙ୍କୁଡ଼, କିଶୋରୀ ପଟ୍ଟନାୟକ ଏବଂ ବିଦ୍ୟାଳୟର ସଭାପତି ଜଗନ୍ନାଥ ଜାନୀ ପ୍ରମୁଖ ଯୋଗଦେଇ ସହିଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଗଣମାଧ୍ୟମ ପ୍ରତିନିଧି ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସହିଦ ଲକ୍ଷ୍ମଣ ନାୟକଙ୍କ ଅମର ସ୍ମୃତି ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅସୀମ ତ୍ୟାଗ, ସାହସ, ସଂଘର୍ଷ ଓ ଦେଶପ୍ରେମକୁ ସ୍ମରଣ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଥିଲା। ଜୟନ୍ତୀ ଉପଲକ୍ଷେ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ, ଜାତୀୟତାବୋଧ ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବାରେ ସହାୟକ ହୋଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ସଂଯୋଜନା କରିଥିଲେ।

ପଞ୍ଜୁକ ପାଇଁ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଆଇଜି



ପୁରୀ,୨୨।୧୧(ଆନିସ): ପଞ୍ଜକ ଅବସରରେ ଶ୍ରୀକ୍ଷେତ୍ରକୁ ଆସୁଁଥିବା ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ସୁନିଶ୍ଚିତ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାଞ୍ଚଳ ଆଇଜି ଡଃ ସତ୍ୟଜିତ ନାୟକ, ଆଇପିଏସ୍, ପୁରୀ ଏସପି ଶ୍ରୀ ପ୍ରତୀକ ସିଂ, ଆଇପିଏସ୍‌ଙ୍କ ସହ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ଶ୍ରୀମନ୍ଦିର ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ଓ ପୁଲିସ ମୁତୟନର ସମୀକ୍ଷା କରିଛନ୍ତି। ପଞ୍ଜକରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଭିଡ଼ ନିୟନ୍ତ୍ରଣ, ପୁଲିସ କର୍ମଚାରୀଙ୍କ ସମନ୍ୱିତ ମୁତୟନ, ନିରନ୍ତର ନିରୀକ୍ଷଣ

ନୟାଗଡ଼ରେ ସ୍ୱତନ୍ତ୍ର ଲୋକ ଅଦାଲତ

୧୧ ମାମଲାର ଫଇସଲା, ୩୭,୩୪,୪୫୨ ଟଙ୍କାରେ ଆପୋଷ ସମାଧାନ



ନୟାଗଡ଼, ୨୨।୧୧(ଆନିସ) ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନୟାଗଡ଼ ପକ୍ଷରୁ ଆଜି ନୟାଗଡ଼ ଜିଲ୍ଲାରେ ଏକ ସ୍ୱତନ୍ତ୍ର ଲୋକ ଅଦାଲତ ସଫଳତାର ସହ ଆୟୋଜିତ ହୋଇଯାଇଛି।ଅଜନ୍ତା ଷଡ଼ଙ୍ଗୀ, ଅଧ୍ୟକ୍ଷା ତଥା ଜିଲ୍ଲା ଓ ଦୌରା ଜଜ୍ ଏବଂ ଅଧ୍ୟକ୍ଷା, ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ତତ୍ତ୍ୱାବଧାନରେ ଏହି ସ୍ୱତନ୍ତ୍ର ଲୋକ ଅଦାଲତ ସମ୍ପନ୍ନ ହୋଇଥିଲା। ଏହାର ସୁପରିଚାଳନା ଓ ସଫଳ ରୂପାୟନରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଅଞ୍ଜଳି ମଚ୍ଛଖଣ୍ଡ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏହି ସ୍ୱତନ୍ତ୍ର ଲୋକ ଅଦାଲତରେ ନେଗୋସିଏବଲ୍ ଇନଷ୍ଟ୍ରୁମେଣ୍ଟସ୍ ଆକ୍ଟ ସମ୍ବନ୍ଧୀୟ ମୋଟ ୧୧ଟି ମାମଲାର ଆପୋଷ ବୁଝାମଣା ଭିତ୍ତିରେ ଫଇସଲା କରାଯାଇଥିଲା। ଏହି ମାମଲାଗୁଡ଼ିକରେ ମୋଟ ସଇଁତିରିଶି ଲକ୍ଷ ଚଉତିରିଶ ହଜାର ଚାରିଶହ ବାଉନ ଟଙ୍କାରେ ଆପୋଷ ସମାଧାନ ହୋଇଥିଲା। ଏହି ଲୋକ ଅଦାଲତର ସଫଳ ଆୟୋଜନ ଓ ମାମଲାଗୁଡ଼ିକର ସମାଧାନରେ ଆଇନଜୀବୀ ଏବଂ ପାରା ଲିଗାଲ୍ ସ୍ୱେଚ୍ଛାସେବୀ ସକ୍ରିୟ ସହଯୋଗ କରିଥିଲେ। ସେମାନେ ଜନସାଧାରଣଙ୍କ ମଧ୍ୟରେ ଲୋକ ଅଦାଲତର ଉପକାରିତା ଓ ଆପୋଷ ସମାଧାନର ଗୁରୁତ୍ୱ ସମ୍ପର୍କରେ ସଚେତନତା ପ୍ରସାର କରିବା ସହ ଏହାର ସଫଳ ଆୟୋଜନରେ ସହାୟତା କରିଥିଲେ। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଅଞ୍ଜଳି ମଚ୍ଛଖଣ୍ଡ ସୂଚନା ଦେଇଥିଲେ ଯେ, ଚଳିତ ବର୍ଷର ଚତୁର୍ଥ ତଥା ଶେଷ ଜାତୀୟ ଲୋକ ଅଦାଲତ ଆସନ୍ତା ୧୨ଡିସେମ୍ବରରେ ଆୟୋଜିତ ହେବ। ଏହି ଅଦାଲତରେ ରାଜିନାମା ଯୋଗ୍ୟ ବିଭିନ୍ନ ପ୍ରକାରର ମାମଲା ଯଥା ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ସମ୍ବନ୍ଧୀୟ ମାମଲା, ମୋଟର ଦୁର୍ଘଟଣା କ୍ଷତିପୂରଣ ମାମଲା, ପାରିବାରିକ ବିବାଦ ଓ ଅନ୍ୟାନ୍ୟ ରାଜିନାମା ଯୋଗ୍ୟ ମାମଲାର ସମାଧାନ କରାଯାଇପାରିବ। ଏଣୁ ନୟାଗଡ଼ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଆଗାମୀ ଜାତୀୟ ଲୋକ ଅଦାଲତର ସୁଯୋଗ ଗ୍ରହଣ କରି ନିଜ ନିଜର ରାଜିନାମା ଯୋଗ୍ୟ ମାମଲାଗୁଡ଼ିକୁ ସ୍ୱଳ୍প ସମୟ ମଧ୍ୟରେ, ସହଜ ଓ ସୁଲଭ ଉପାୟରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରିବାକୁ ସଚିବ। ଅନୁରୋଧ କରିଛନ୍ତି।

ବାଲିଗୁଡା ବିଜେଡିକୁ ଲାଗିଲା ଶକ୍ତ ଝଟକା !

ନୂଆ ଟିମକୁ ଭରସା ପାଉନି , ଇସ୍ତଫା ଦେଲେ ଦୁଇ ଯୁବ ନେତା

ବାଲିଗୁଡା, ୨୨।୧୧(ଆନିସ): କନ୍ଧମାଳ ଜିଲ୍ଲା ବାଲିଗୁଡା ବିଜେଡ଼ିର ନୂଆ ଟିମ ଉପରେ ଆଉ ଭରସା କରି ପାରୁନାହାନ୍ତି ସ୍ଥାନୀୟ ଅଂଚଳର ଯୁବ ନେତା । ଏ ନେଇ ଦେଖାଦେଇଛି ଗୋଷ୍ଠୀ କନ୍ଦଳ ଓ ତୀବ୍ର ଅସନ୍ତୋଷ । ଯାହାର ପରିଣାମ ଏବେ ନୂଆ ଟିମ ପାଇଁ ଚିନ୍ତାର କାରଣ ସାଜିଛି । ଯାହାଙ୍କୁ ଭରସା କରି ବାଲିଗୁଡା ନଗର ବିଜେଡି ସଙ୍ଗଠନ ସଜାଡ଼ିବା ପାଇଁ ଦାୟିତ୍ୱ ଦିଆଯାଇଥିଲା, ଏବେ ସେମାନେ ଦଳରୁ ମୁହଁ ଫେରାଇନେବା ସହ ନୂଆ ନେତୃତ୍ୱକୁ ଆଦୌ ଗ୍ରହଣ କରି ପାରୁନଥିବା ଜଣାପଡ଼ିଛି । ଆଜି ଏ ନେଇ ଦୁଇଟି ଭିନ୍ନ ଭିନ୍ନ ଇସ୍ତଫା ପତ୍ର ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଥିବା ଦେଖିବାକୁ ମିଳିଛି । ବାଲିଗୁଡାର ସୁବ୍ରତ କୁମାର ପ୍ରଧାନୀ ନାମକ ଯୁବକଙ୍କୁ ବିଜେଡି ଦଳ ତରଫରୁ ତାଙ୍କୁ ନଗର ଯୁବ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ଦିଆଯାଇଥିଲା। ସେହିପରି ବାଲିଗୁଡାର ମାନସ ରଞ୍ଜନ ଅମାୟତଙ୍କୁ ମଧ୍ୟ ବିଜେଡି ନଗର କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା । କିନ୍ତୁ ଦାୟିତ୍ୱ ନେବାର ଅଳ୍ପ ଦିନ ମଧ୍ୟରେ ଉଭୟ ଯୁବ ନେତା ଆଜି ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ନେଇ ଜିଲ୍ଲା ବିଜେଡ଼ି ସଭାପତିଙ୍କ ଜରିଆରେ ବିଜେଡ଼ି ସୁପ୍ରିମୋଙ୍କୁ ନିଜର ଇସ୍ତଫା ପତ୍ର ପଠାଇଥିବା ଜଣାପଡ଼ିଛି । ଯାହାର ଏକ ନକଲ ଇସ୍ତଫା ପତ୍ର ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି। ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ଅଭିଯୋଗରେ ବାଲିଗୁଡା ବିଧାୟକ ଚକ୍ରମଣି କଂହର ଓ ପରବର୍ତ୍ତୀ ସମୟରେ ବିଧାୟକଙ୍କୁ ସ୍ୱାଗତ କରିବା ଅଭିଯୋଗରେ ବରିଷ୍ଠ ନେତା ଟୁନା ଦାସ ଓ ପ୍ରମୋଦ ସାହୁଙ୍କୁ ଦଳରୁ ନିଲମ୍ବିତ କରିବା ପରେ ବାଲିଗୁଡା ବିଜେଡି ସଙ୍ଗଠନ ଏକ ପ୍ରକାର ସୁପ୍ତ ହୋଇପଡିଥିଲା। ଆଉ ଏହା ପରେ ଦଳ ନୂଆ ନେତାଙ୍କ ହାତରେ ନେତୃତ୍ୱ ପ୍ରଦାନ କରିଥିଲେ । କିନ୍ତୁ ଦାୟିତ୍ୱ ନେବାର ଗୋଟିଏ ମାସ ପୂରଣ ହୋଇନଥିବାବେଳେ ନୂଆ ନେତୃତ୍ୱକୁ ଦଳୀୟ ଲୋକେ ଭରସା କରୁନଥିବା ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ଯାହାର ଜ୍ୱଳନ୍ତ ଉଦାହରଣ ଏହି ଦୁଇ ଯୁବ ନେତାଙ୍କ ଇସ୍ତଫା ପତ୍ର ବୋଲି କୁହାଯାଉଛି । ଆଗାମୀ ଦିନରେ ଆହୁରି ଦଳୀୟ ଲୋକେ ନୂଆ ନେତୃତ୍ୱ ଠାରୁ ଦୂରେଇ ଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। କାହିଁକି ଓ କେଉଁ କାରଣ ନେଇ ଉଭୟ ଯୁବ ନେତା ନୂଆ ନେତୃତ୍ୱ ଠାରୁ ଦୂରେଇ ଯିବା ଲାଗି ମନ ସ୍ଥିର କଲେ ତାହାକୁ ନେଇ ନୂଆ ଟିମରେ ଭାଲେଣି ପଡିଥିବା ଜଣାପଡ଼ିଛି । ଆଗାମୀ ଦିନରେ ବାଲିଗୁଡା ବିଜେଡିକୁ ପୁଣି ଥରେ ଶକ୍ତିଶାଳୀ କରିବାକୁ ହେଲେ ପୁରୁଖା ନେତାଙ୍କ ସାହାଯ୍ୟ ସହଯୋଗ ନିଆ ନଗଲେ ପୁଣି ଥରେ ବିଜେଡି ଦଳ ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ସଡା ହଜି ଯିବା ନେଇ ରାଜନୈତିକ ସମୀକ୍ଷକ ଆକଳନ କରିଛନ୍ତି ।

> ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ଅଭିଯୋଗରେ ବାଲିଗୁଡା ବିଧାୟକ ଚକ୍ରମଣି କଂହର ଓ ପରବର୍ତ୍ତୀ ସମୟରେ ବିଧାୟକଙ୍କୁ ସ୍ୱାଗତ କରିବା ଅଭିଯୋଗରେ ବରିଷ୍ଠ ନେତା ଟୁନା ଦାସ ଓ ପ୍ରମୋଦ ସାହୁଙ୍କୁ ଦଳରୁ ନିଲମ୍ବିତ କରିବା ପରେ ବାଲିଗୁଡା ବିଜେଡି ସଙ୍ଗଠନ ଏକ ପ୍ରକାର ସୁପ୍ତ ହୋଇପଡିଥିଲା।। ଆଉ ଏହା ପରେ ଦଳ ନୂଆ ନେତାଙ୍କ ହାତରେ ନେତୃତ୍ୱ ପ୍ରଦାନ କରିଥିଲେ ।

ବନ୍ୟା ମୁକାବିଲା : ଆଠ ନଦୀ ପାଇଁ ମେଗା ରୋଡମ୍ୟାପ୍

ଭୁବନେଶ୍ୱର, ୨୨।୧୧: ଗଞ୍ଜାମରେ ଆସିଥିବା ଭୟାନକ ବନ୍ୟା ପରେ ଚେତା ପଶିଲା । ବନ୍ୟା ମୁକାବିଲା ଓ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର । ୮ଟି ପ୍ରମୁଖ ନଦୀ ଅବବାହିକାରେ ଏମିତି ଭିତ୍ତିଭୂମି ଛିଡ଼ା କରାଯିବ, ଯାହା ବନ୍ୟା ଓ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ କରିବ । ଏ ନେଇ ଶୀଘ୍ର ପ୍ରସ୍ତୁତ ହେବ ମେଗା ରୋଡ୍ ମ୍ୟାପ । ଫୋକସରେ ରହିବ ମହାନଦୀ, ଋଷିକୂଲ୍ୟା, ରେଙ୍ଗାଲି ଜଳଭଣ୍ଡାର, ବ୍ରାହ୍ମଣୀ, ବୈତରଣୀ ନଦୀ ଅବବାହିକା । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ଗଞ୍ଜାମ ଆଦି ଜିଲ୍ଲାରେ ବନ୍ୟା ଓ ନଦୀ ସହ ଜଡ଼ିତ ଅନ୍ୟାନ୍ୟ ସମସ୍ୟାର ସ୍ଥାୟୀ ସମାଧାନ ବାଟ କାଢ଼ିବେ ସରକାର । ଗଞ୍ଜାମ ଜିଲ୍ଲାରେ ଆସିଥିବା ଭୟାନକ ବନ୍ୟା ଓ ବିଭିନ୍ନ ନଦୀ ଅବବାହିକାରେ ବନ୍ୟାଜନିତ ସମସ୍ୟାକୁ ଗୁରୁତର ସହ ନେଇଛନ୍ତି ରାଜ୍ୟ ସରକାର । ଭବିଷ୍ୟତରେ ଏଭଳି ପ୍ରାକୃତିକ ବିପର୍ଯ୍ୟୟକୁ ଦୃଢ଼ତାର ସହ ମୁକାବିଲା ପାଇଁ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓସଡମା) ପ୍ରସ୍ତୁତି ଆରମ୍ଭ କରିଛି । ଜନଜୀବନ, କୃଷି ଓ ଭିତ୍ତିଭୂମିର କ୍ଷତି ଯେମିତି କମ୍ ରହିବ, ସେଥିପାଇଁ ରାଜ୍ୟର ୮ଟି ପ୍ରମୁଖ ନଦୀ ସିଷ୍ଟମକୁ ନେଇ ଖୁବ୍ ଶୀଘ୍ର ସ୍ୱତନ୍ତ୍ର ସମୀକ୍ଷା ବୈଠକ ଆୟୋଜନ କରାଯିବ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଏହି ବୈଠକଗୁଡ଼ିକରେ ଜଳ ସମ୍ପଦ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଏବଂ ବିଭିନ୍ନ ଜିଲ୍ଲା



ପ୍ରଶାସନର ଅଧିକାରୀମାନେ ଯୋଗ ଦେବେ । ବିଗତ ବର୍ଷଗୁଡ଼ିକର ବନ୍ୟା ଓ ବାତ୍ୟାର ଅନୁଭୂତି, ଉପଲବ୍ଧ ତଥ୍ୟ ଓ ଡାଟାବେସ୍କୁ ଆଧାର କରି ଏକ ଦୀର୍ଘମିଆଦୀ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯିବ । ନଦୀ ବନ୍ଧ, ତତ୍ ସମ୍ପର୍କିତ ଭିତ୍ତିଭୂମି ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ନେଇ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ କରାଯିବ । ୧୦୦ ବର୍ଷକୁ ଆଖି ଆଗରେ ରଖି ଯୋଜନା ପ୍ରସ୍ତୁତ କରାଯିବ । ଶ୍ରୀ ପୂଜାରୀ କହିଛନ୍ତି, ଏହି ପ୍ରକ୍ରିୟାରେ ଆବଶ୍ୟକସ୍ଥଳେ ଆଇଆଇଟି ସମେତ ବିଭିନ୍ନ ପ୍ରତିଷ୍ଠିତ ବୈଷୟିକ ଓ ଗବେଷଣା ପ୍ରତିଷ୍ଠାନଗୁଡ଼ିକର ସହଯୋଗ ନିଆଯିବ । ପ୍ରକୃତିର ପରିବର୍ତ୍ତିତ ଆଚରଣ ଓ ବଢୁଥିବା ପ୍ରାକୃତିକ ବିପର୍ଯ୍ୟୟ ଆହ୍ୱାନର ସାମ୍ନା କରିବା ପାଇଁ ଅଧିକ ସୁଦୃଢ଼, ବୈଜ୍ଞାନିକ ଓ ଦୀର୍ଘସ୍ଥାୟୀ ବ୍ୟବସ୍ଥା ଗଢ଼ାଯିବ । ରାଜ୍ୟ ସରକାର ଏ ଦିଗରେ ଏକ ସମନ୍ୱିତ ଓ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବେ । ମନ୍ତ୍ରୀ ସୂଚନା ଦେଇଛନ୍ତି, ବାତ୍ୟା 'ଅକଭାନ'ପ୍ରଭାବ ହ୍ରାସ ପାଇବା ସହ ରାଜ୍ୟରେ ପରିସ୍ଥିତି କ୍ରମଶଃ ସ୍ୱାଭାବିକ ହେଉଛି । ରାଜ୍ୟ ସରକାରଙ୍କ ସୁଦୃଢ଼ ପ୍ରସ୍ତୁତି, ସମନ୍ୱିତ ପଦକ୍ଷେପ ଏବଂ ସମସ୍ତ ବିଭାଗର ନିଷ୍ଠାପର ଉଦ୍ୟମ ଯୋଗୁଁ ବାତ୍ୟାର ସଫଳ ମୁକାବିଲା ସମ୍ଭବ ହୋଇପାରିଛି। ଏହି ବିପର୍ଯ୍ୟୟରେ ଜିରୋ କାଜୁଆଲଟି ହାସଲ କରିବା ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଉପଲବ୍ଧି । ନିଜେ ମୁଖ୍ୟମନ୍ତ୍ରୀ କଣ୍ଟ୍ରୋଲ ରୁମ୍ରେ ଉପସ୍ଥିତ ରହି ବାତ୍ୟା ସମୟରେ ସମସ୍ତ ବ୍ୟବସ୍ଥା ଏବଂ ପରିଚାଳନାର ତଦାରଖ କରିଥିଲେ ।

ମନ୍ତ୍ରୀ ଶ୍ରୀ ପୂଜାରୀ ଆହୁରି କହିଛନ୍ତି, ବାତ୍ୟା ଓ ବର୍ଷା ଯୋଗୁ କେତେକ ଅଞ୍ଚଳରେ ଫସଲ କ୍ଷତି ହୋଇଛି । ଧାନ ଓଦା ହୋଇଯାଇଥିବା ଘଟଣା ନଜରକୁ ଆସିଛି । ଏଥିପାଇଁ ଚାଷୀମାନେ ଆଦୌ ବିଚଳିତ ହୁଅନ୍ତୁ ନାହିଁ । କ୍ଷୟକ୍ଷତିର ଠିକ୍ ଆକଳନ କରିବା ପାଇଁ ଆବଶ୍ୟକସ୍ଥଳେ ବରିଷ୍ଠ ଅଧିକାରୀମାନଙ୍କୁ କ୍ଷେତ୍ର ପରିଦର୍ଶନରେ ପଠାଯିବ । ଆସନ୍ତାକାଲି (ରବିବାର)ଠାରୁ କ୍ଷୟକ୍ଷତି ଆକଳନ ଆରମ୍ଭ ହେବ । ଏସଡିଆରଏଫ ଓ ଏନଡିଆରଏଫ୍ର ପ୍ରଚଳିତ ନିୟମାବଳୀ ଅନୁଯାୟୀ ଫସଲ କ୍ଷତି ପାଇଁ ଇନପୁଟ୍ ସବସିଡି ପ୍ରଦାନ କରାଯିବ । ଫସଲ ବୀମାଭୁକ୍ତ କୃଷକଙ୍କୁ ବୀମା କ୍ଷତିପୂରଣ ଯଥାଶୀଘ୍ର ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ । ଓଦା ହୋଇଥିବା ଧାନକୁ ଶୁଖାଇବା ତଥା ଏହାର ସୁରକ୍ଷା ପାଇଁ ମଧ୍ୟ ସରକାର ଆବଶ୍ୟକ ବ୍ୟବସ୍ଥା କରିବେ । କୌଣସି ଚାଷୀ ଯେପରି ଅସୁବିଧାରେ ନ ପଡ଼ନ୍ତି, ସେଥିପାଇଁ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ । ଏସଆରସି ରାଜେଶ ପ୍ରଭାକର ପାଟିଲ କହିଛନ୍ତି, ଜମିରେ ଫସଲ ନଷ୍ଟ ହୋଇଥିବା ଅଞ୍ଚଳରେ କ୍ଷୟକ୍ଷତି ଆକଳନ କାମ ଶୀଘ୍ର କରାଯିବ । ପ୍ରଭାବିତଙ୍କୁ ସରକାରୀ ନିୟମ ଅନୁସାରେ ସହାୟତା ଦିଆଯିବ । ଭୂସ୍ଖଳନ ଓ ବାତ୍ୟା ମୁକାବିଲା ନେଇ ରାଜ୍ୟ ସରକାର ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ କରୁଛନ୍ତି।

ଓଡଗାଁ ଶ୍ରୀରଘୁନାଥ ଜୀଉଙ୍କ ପଞ୍ଚକ ପର୍ବର ଦିତୀୟ ସନ୍ଧ୍ୟା

ମତ୍ସ୍ୟ କଚ୍ଛପ ବେଶ ଦର୍ଶନ କଲେ ଶ୍ରଦ୍ଧାଳୁ




ଓଡ଼ଗାଁ,୨୨।୧୧(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ପଞ୍ଚକ ପର୍ବର ରବିବାର ଦିତୀୟ ସନ୍ଧ୍ୟାରେ ମତ୍ସ୍ୟ ଓ କଚ୍ଛପ ବେଶ ଦର୍ଶନ କଲେ ଶ୍ରଦ୍ଧାଳୁ। ବଡ଼ଭାଇ ପ୍ରଭୁ ରାମଚନ୍ଦ୍ର ମତ୍ସ୍ୟ ଏବଂ ଅନୁଜ ଲକ୍ଷ୍ମଣ କଚ୍ଛପ ବେଶରେ ସଜ୍ଜିତ ହୋଇଥିଲେ। ସମସ୍ତ ସନ୍ଧ୍ୟା ନୀତି ପରେ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ମନ୍ଦିର ଦ୍ୱାର ଖୋଲିବା ସହିତ ପାଳିଆ ପଣ୍ଡା ପ୍ରଭୁ ରାମଚନ୍ଦ୍ର ଏବଂ ମାତା ସୀତା ଓ ଅନୁଜ ଲକ୍ଷ୍ମଣଙ୍କୁ ଆଳତି କରିବାର ଦୃଶ୍ୟ ଥିଲା ଅତିବ ମନୋରମ। ନବଦୁର୍ବାଦଳ ପ୍ରଭୁ ଶ୍ରୀରାମଙ୍କର ଶ୍ୟାମଳ ମୂର୍ତ୍ତିକୁ ଦର୍ଶନ କରିବା ପାଇଁ ଆଜି ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ମୃଦଙ୍ଗ,ଘଣ୍ଟ ଓ ଘଣ୍ଟା ଶବ୍ଦର ମୂର୍ଚ୍ଛନା ସାଙ୍ଗକୁ ଭକ୍ତଗଣଙ୍କ ଦ୍ୱାରା ଗୀତ ଗୋବିନ୍ଦ ଗାୟନ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରୁଥିଲା। ଶ୍ରୀରଘୁନାଥଙ୍କ ଠାରେ ଅନୁଭବର ଠାକୁର ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ବହୁ ବୃଦ୍ଧ ବୃଦ୍ଧା ହବିଶ୍ୟାଳୀ ହୋଇଥିଲେ ଭାବବିହ୍ୱଳ। ପୂଜକ ପରିଷଦ ସଭାପତି, ପାଳିଆ ସେବକ,ବେଶକାରୀ,ମନ୍ଦିର ପରିଚ୍ଛା ଓ ମନ୍ଦିର ପରିଚାଳକଙ୍କ ଦ୍ୱାରା ନୀତି ସମାପନ ହୋଇଥିଲା।

ବାତ୍ୟାରେ କ୍ଷତିଗ୍ରସ୍ତ ଭିତ୍ତିଭୂମିର ପୁନରୁଦ୍ଧାର, ଜଳସେଚନ ବ୍ୟବସ୍ଥାର ଉନ୍ନତିକୁ ଗୁରୁତ୍ୱ



ଭୁବନେଶ୍ୱର, ୨୨ ।୧୧: ଗଞ୍ଜାମ ଜିଲ୍ଲାର ବିଭିନ୍ନ ଜଳଭଣ୍ଡାର ଓ ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟସ୍ଥଳୀ ପରିଦର୍ଶନ କରିଛନ୍ତି ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା । ଏହା ପରେ ବ୍ରହ୍ମପୁରସ୍ଥିତ ଋଷିକୂଲ୍ୟା-ବଂଶଧାରା-ନାଗାବଳୀ ଅବବାହିକାର ମୁଖ୍ୟ ଯନ୍ତ୍ରୀ ତଥା ଅବବାହିକା ପରିଚାଳକଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବାତ୍ୟା ଆକଭାନ୍ର ପ୍ରଭାବ, ବାତ୍ୟା ଅର୍ଣ୍ଣବ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି, ଜଳଭଣ୍ଡାର ପରିଚାଳନା ଏବଂ ଜିଲ୍ଲାରେ ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।ବୈଠକରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ବିଘ୍ନରାଜ ପୁରୋହିତ, ବ୍ରହ୍ମପୁର ମହାନଗର ନିଗମର କମିଶନର ଅକଭରମ୍ ଶସ୍ୟା ରେଡ୍ଡୀ, ଋଷିକୂଲ୍ୟା-ବଂଶଧାରା-ନାଗାବଳୀ ଅବବାହିକାର ମୁଖ୍ୟ ଯନ୍ତ୍ରୀ ତଥା ଅବବାହିକା ପରିଚାଳକ ଜଗନ୍ନାଥ ପାଣିଙ୍କ ସମେତ ବିଭାଗର ବିଭିନ୍ନ ଶାଖାର ଅଧୀକ୍ଷଣ ଯନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଜରୁରୀ ପରିସ୍ଥିତିରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ପ୍ରସ୍ତୁତି ଓ ତ୍ୱରିତ ପ୍ରତିକ୍ରିୟା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ନେଇ ସେ ଆବଶ୍ୟକ ପରାମର୍ଶ ଦେଇଥିଲେ।ବୈଠକରେ ବାତ୍ୟାରେ କ୍ଷତିଗ୍ରସ୍ତ ଭିତ୍ତିଭୂମିର ପୁନରୁଦ୍ଧାରକୁ ପ୍ରାଥମିକତା ଦେବା, ଦୁର୍ବଳ ସ୍ଥାନଗୁଡ଼ିକୁ ସୁଦୃଢ଼ କରିବା ଏବଂ ଜଳସେଚନ ସୁବିଧାର ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଆଭ୍ୟନ୍ତରୀଣ ଓଡିଶାରେ ୧୫ ଡିଗ୍ରୀ ତଳକୁ ଖସିବ ତାପମାତ୍ରା



ଭୁବନେଶ୍ୱର, ୨୨।୧୧ : ମାସ ଶେଷ ଆଡ଼କୁ ଅନୁଭବ ହେବ ଶୀତ । କମିବ ପାରଦ । ଆଭ୍ୟନ୍ତରୀଣ ଓଡିଶା ରେ ୧୫ ଡିଗ୍ରୀ ତଳକୁ ଖସିବ ତାପମାତ୍ରା। ଏପଟେ ରାଜ୍ୟରେ ରହିବ କୁହୁଡି। ୨୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ରେ ହାଲୁକା ରୁ ମଧ୍ୟମ ଧରଣ ର କୁହୁଡି ରହିବା କୁ ନେଇ ପୂର୍ବାନୁମାନ କରିଛନ୍ତି ସୋଆ ସିଇସି ମୁଖ୍ୟ ଶରତ ଚନ୍ଦ୍ର ସାହୁ । ବର୍ଷା ଯୋଗୁଁ ଶୀତ ଅନୁଭବ ହେଉ ନଥିବା ବେଳେ ନଭେମ୍ବର ଶେଷ ରୁ ଅଧିକ ଶୀତ ଅନୁଭବ କରିବେ ଲୋକେ । ବର୍ଷା ଯୋଗୁଁ ଏ ବର୍ଷ ଶୀତ ବିଳମ୍ବ ରେ ଆରମ୍ଭ ହେଉଛି। ଆଉ ସପ୍ତାହ ମଧ୍ୟ ରେ ସବୁଠି କମିବ ପାରଦ । ୨ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ । ଆଭ୍ୟନ୍ତରୀଣ ଓଡ଼ିଶାରେ ୧୫ ଡିଗ୍ରୀ ତଳକୁ ଖସିବ ପାରଦ ,ଉପକୂଳ ରେ ମଧ୍ୟ ଶୀତ ଅନୁଭବ କରିବେ ଲୋକେ ବୋଲି କହିଛନ୍ତି ସୋଆ ସିଇସି ମୁଖ୍ୟ ଶରତ ଚନ୍ଦ୍ର ସାହୁ।ଏପଟେ ସକାଳୁ ସକାଳୁ ବିଭିନ୍ନ ଜାଗାରେ ଘନ କୁହୁଡି ମଧ୍ୟ ଦେଖିବା କୁ ମିଳିଛି। ରାଜଧାନୀ ସମିତ, ଖୋର୍ଦ୍ଧା, ଗଂଜାମ, କୋରାପୁଟ, ଜଗତସିଂପୁର, ପୁରୀ ଓ ଅନ୍ୟାନ୍ୟ ଉପକୂଳ ଓଡ଼ିଶା ରେ କୁହୁଡ଼ି ଦେଖିବା କୁ ମିଳିଛି। ଅନେକ ସ୍ଥାନରେ ଭିଜିବିଲିଟି ୧୦୦ ମିଟର ରୁ କମ ମଧ୍ୟ ରହିଛି। ଭୁବନେଶ୍ୱର ରେ ମଧ୍ୟମ ଧରଣର କୁହୁଡି ରହିଥିଲା। ୧୫୦ ରୁ ୨୦୦ ମିଟର ପର୍ଯ୍ୟନ୍ତ ଭିଜିବିଲିଟି ରହିଥିବା ଦେଖିବାକୁ ମିଳିଛି। ଏମିତିକି ଗାଡି ଚଳାଚଳ ପାଇଁ ମଧ୍ୟ ଅସୁବିଧା ସଶ୍ମୁଖୀନ ହୋଇଥିଲା। ତେବେ

ନାମ ଯଜ୍ଞ ପାଇଁ କଳସ ଯାତ୍ରା



ବିନିକା, ୨୨। ୧୧(ଆନିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରାଞ୍ଚଳ ୱାର୍ଡ ନଂ ୧୦ ଉର୍ଲେ ଗଣ୍ଡା ପଡ଼ା ସଂକ୍ରାନ୍ତି ପାର୍ଟି ପକ୍ଷରୁ ୧୬ ପହରୀ ନାମ ଯଜ୍ଞ ପାଇଁ ରବିବାର କାକସ ଯାତ୍ରା ହୋଇଯାଇଛି । ଏଥିରେ ଶତାଧିକ ମହିଳା ପୁରୁଷ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ ନାମ ମଣ୍ଡପରୁ ବାହାରି ଘଣ୍ଟ ଶଙ୍ଖ ବାଦ୍ୟ ସହିତ ଗିନି ମୃଦୁଙ୍ଗ ବଜାଇ ମହାନଦୀ ପାପକ୍ଷୟ ଘାଟରୁ କଳସରେ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ପରେ ମଧ୍ୟାହ୍ନ ୧୨ ଟା ମହାମନ୍ତ୍ର ନାମ ଧରି କୀର୍ତନ ଶୁଭାରମ୍ଭ କରିଥିଲେ ଯଜ୍ଞ କର୍ତ୍ତା ଭାବେ ରାଜୁ ବିଭାର, ଓ ଧର୍ମପତ୍ନୀ କୁନି ବିଭାର,ପୁରୋହିତ ଭାବେ ଅନ୍ତ ଦାସ, ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ ।

ବାଲିଗୁଡ଼ାରୁ ୪ ଗଞ୍ଜେଇ ମାଫିଆ ଗିରଫ

ଗଞ୍ଜେଇ ଭର୍ତ୍ତି ୩ଟି ଗାଡି ଓ ମୋବାଇଲ ଜବତ

ଫୁଲବାଣୀ, ୨୧/୧୧(ଆନିସ): ୩ଟି ଗାଡ଼ିରେ ଗଞ୍ଜେଇ ଭର୍ତ୍ତି କରି ଚାଲାଣ ପାଇଁ ସଜ ବାଜ୍ ହେଉଥିବା ବେଳେ କନ୍ଧ ମାଳ ଜିଲ୍ଲା ବାଲିଗୁଡ଼ା ସହର କୋଳି ମୂଳ ଛକ ରେ ଚଢାଉ କରି ଅବକାରୀ ବିଭାଗ କର୍ମଚାରୀ



ତିନୋଟି ଗାଡି ସହ୫ଟି ବସ୍ତା ରେ ଥିବା ୯୦କେଜି ଗଞ୍ଜେଇ ଜବତ କରିଛି । ଏଥିସହ ଗଞ୍ଜେଇ ଚୋରା କାରବାର ରେ ସଂପୃକ୍ତ ଥିବା ଟୁର ଏଣ୍ଡ ଟ୍ରାଭେଲ୍ସ ମାଲିକ ଭିକି ପାତ୍ର ଓ ତାର ସହଯୋଗୀଙ୍କୁ ଗିରଫ କରିଛି ଅବକାରୀ ବିଭାଗ ଗଞ୍ଜେଇ ମାଫିଆ ପାତ୍ର କୁଆଡ଼େ ଦୀର୍ଘ ବର୍ଷ ହେଲା ବେଆଇନ୍ ଗଞ୍ଜେଇ କାରବାର କରି କୋଟି କୋଟି ଟଙ୍କା। ରୋଜଗାର କରି ଘର ଦ୍ୱାର ଗଡି ଘୋଡ଼ା, ସୁନା ଅଳଙ୍କାର ଜମି ଆଦି କିଣିଥିବା ଶୁଣିବାକୁ ମିଳୁଛି ଜିଲ୍ଲା ପ୍ରଶାସନ ତଦନ୍ତ କରି ବେ ଆଇନ ସମ୍ପତ୍ତି ବ୍ୟାଜ୍ୟପ୍ତ କରିବା ପାଇଁ ଦାବୀ ହେଉଛି ଗଞ୍ଜେଇ ମାଫିଆ ପାତ୍ର ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ଅଧିକାରୀ ଙ୍କ ସହ ସୁ ସମ୍ପର୍କ ରଖି ବେ ଆଇନ ଗଞ୍ଜେଇ କାରବାର ରେ ସଂପୃକ୍ତ ଥିବା ଅଭିଯୋଗ ହେଉଛି ।

ଭଲ ପ୍ରଦର୍ଶନ ସତ୍ତ୍ୱେ ସୂର୍ଯ୍ୟଙ୍କୁ ବିସିସିଆଇର ଅଣଦେଖା

ନୂଆଦିଲ୍ଲୀ, ୨୨।୧୧: ଭାରତକୁ ନିଜ ଅଧିନାୟକତ୍ୱରେ ଟି୨୦ ବିଶ୍ୱକପ୍ ଟାଇଟଲ୍ ଜିତାଇଥିବା ସୂର୍ଯ୍ୟକୁମାର ଯାଦବ ଜାତୀୟ ଦଳକୁ ଫେରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ତେବେ ସୂର୍ଯ୍ୟକୁମାରଙ୍କ ପ୍ରତ୍ୟାବର୍ତ୍ତନ ପଥ ବର୍ତ୍ତମାନ କଷ୍ଟକର ମନେହେଉଛି। ନ୍ୟୁଜ୍ ଏଜେନ୍ସି ଏଏନ୍ଆଇ ଅନୁଯାୟୀ ବିସିସିଆଇ ସୂତ୍ରରୁ ଜଣାପଡ଼ିଛି ଯେ ସୂର୍ଯ୍ୟକୁମାର ଯାଦବ ଆଉ ଚୟନକର୍ତ୍ତାଙ୍କ ଯୋଜନାର ଅଂଶ ନୁହଁନ୍ତି। ଘରୋଇ କ୍ରିକେଟରେ ଲଗାତାର ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ବର୍ତ୍ତମାନ ଭାରତୀୟ ଦଳରେ ତାଙ୍କ ପାଇଁ ସ୍ଥାନ ମିଳିବା କଷ୍ଟକର ହୋଇଯାଇଛି। ସମ୍ବାଦ ସରବରାହ ସଂସ୍ଥା ଏଏନ୍ଆଇକୁ ବିସିସିଆଇ ସୂତ୍ରରୁ କୁହାଯାଇଛି, ସୂର୍ଯ୍ୟକୁମାର ବର୍ତ୍ତମାନ ଆମର ଚୟନ ଯୋଜନାର ଅଂଶ ନୁହଁନ୍ତି। ଆମେ ତ ଏପର୍ଯ୍ୟନ୍ତ ହ୍ୱାଇଟ୍ ବଲ୍ କ୍ରିକେଟରେ ଯଶସ୍ୱୀ ଜୟସ୍ୱାଲଙ୍କ ଭଳି ଯୁବ ଖେଳାଳିଙ୍କ ପାଇଁ ମଧ୍ୟ ସ୍ଥାନ ତିଆରି କରିପାରି ନାହୁଁ। ସୂତ୍ରରୁ ଆହୁରି ମଧ୍ୟ କୁହାଯାଇଛି ଯେ ସୂର୍ଯ୍ୟକୁମାର ଯାଦବ କଠିନ ପରିଶ୍ରମ କରୁଛନ୍ତି ଏବଂ ଲିଷ୍ଟ-ଏ କ୍ରିକେଟରେ ଭଲ ପ୍ରଦର୍ଶନ ମଧ୍ୟ କରୁଛନ୍ତି, କିନ୍ତୁ ବର୍ତ୍ତମାନର ଭାରତୀୟ ଦଳର କମ୍ବିନେସନରେ ତାଙ୍କୁ ସାମିଲ କରିବା କଷ୍ଟକର।

ସୂତ୍ରରୁ କୁହାଯାଇଛି, ହଁ, ସୂର୍ଯ୍ୟକୁମାର କଠିନ ପରିଶ୍ରମ କରୁଛନ୍ତି ଏବଂ ଲିଷ୍ଟ-ଏ କ୍ରିକେଟରେ ଭଲ ପ୍ରଦର୍ଶନ କରୁଛନ୍ତି। ତଥାପି, ପ୍ରଶ୍ନ ହେଉଛି ଯେ ବର୍ତ୍ତମାନର ଭାରତୀୟ ଦଳରେ ଆମେ ତାଙ୍କୁ କେଉଁଠି ଫିଟ୍ କରିପାରିବୁ। ବର୍ତ୍ତମାନ ତାଙ୍କ ପାଇଁ କୌଣସି ସ୍ଥାନ ଉପଲବ୍ଧ ନାହିଁ। ଆମେ ହ୍ୱାଇଟ୍ ବଲ୍ କ୍ରିକେଟରେ ଯଶସ୍ୱୀ ଜୟସ୍ୱାଲଙ୍କ ଭଳି ଯୁବ ଖେଳାଳିଙ୍କୁ ମଧ୍ୟ ସ୍ଥାନ ଦେଇପାରୁ, ନାହୁଁ, ତେବେ ବର୍ତ୍ତମାନର ଦଳରେ ସୂର୍ଯ୍ୟକୁମାରଙ୍କୁ କେଉଁଠି ଫିଟ୍ କରିବୁ ବର୍ତ୍ତମାନ ଆମେ ତାଙ୍କୁ ଦଳରେ ସାମିଲ କରିବା ଉପରେ ବିଚାର କରୁନାହୁଁ।ସୂଚନାଯୋଗ୍ୟ ଯେ ସୂର୍ଯ୍ୟକୁମାର ଯାଦବ ୨୦୨୬ ଟି୨୦ ବିଶ୍ୱକପ୍ ଟାଇଟଲ୍ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା



ଟି୨୦ ବିଶ୍ୱକପରେ ଭାରତୀୟ ଦଳର ଅଧିନାୟକତ୍ୱ କରିଥିଲେ ଏବଂ ଦଳକୁ ଲଗାତାର ଦ୍ୱିତୀୟ ଥର ଗ୍ରହଣ କରିଥିଲେ। ତେବେ ଆଇପିଏଲ୍ ପରେ ତାଙ୍କୁ ଟି୨୦ ଅନ୍ତର୍ଜାତୀୟ ଦଳରୁ ବାଦ୍ ଦିଆଯାଇଥିଲା ଏବଂ ତାଙ୍କ ସ୍ଥାନରେ ଶ୍ରେୟସ ଆୟରଙ୍କୁ ନୂଆ ଅଧିନାୟକ ଭାବେ ନିଯୁକ୍ତ କରାଯାଇଥିଲା।

ଅନ୍ୟପଟେ ସୂର୍ଯ୍ୟକୁମାର ଯାଦବ ବର୍ତ୍ତମାନ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ୨୦୨୬-୨୭ରେ ମୁମ୍ବାଇର ଅଧିନାୟକତ୍ୱ କରି ଚମତ୍କାର ପ୍ରଦର୍ଶନ କରୁଛନ୍ତି। ସେ ନଭେମ୍ବର ୧୪ ତାରିଖରେ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ମାତ୍ର ୨୧ଟି ବଲରୁ ଅପରାଜିତ ୬୦ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ତାଙ୍କର ଏହି ଇନିଂସରେ ୬ଟି ଚୌକା ଏବଂ ୫ଟି ଛକା ସାମିଲ ଥିଲା। ସେ ମାତ୍ର ୧୫ଟି ବଲରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ସୂର୍ଯ୍ୟକୁମାରଙ୍କ ଏହି ଇନିଂସ ବଳରେ ମୁମ୍ବାଇ ୧୭୩ ରନର ଲକ୍ଷ୍ୟକୁ ୭ ୱିକେଟରେ ହାସଲ କରିନେଇଥିଲା।ଏହାପରେ ଗୁଜରାଟ ବିପକ୍ଷରେ ମଧ୍ୟ ସୂର୍ଯ୍ୟକୁମାରଙ୍କ ବ୍ୟାଟ୍ ଖୁବ୍ ରନ୍ ବର୍ଷା କରିଥିଲା। ସେ ଏହି ମ୍ୟାଚରେ ମାତ୍ର ୨୯ଟି ବଲରୁ ୮୨ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୯ଟି ଚୌକା ଏବଂ ୭ଟି ବିଶାଳ ଛକା ସାମିଲ ଥିଲା। ତାଙ୍କର ଏହି ବିସ୍ଫୋରକ ଇନିଂସ ସହାୟତାରେ ମୁମ୍ବାଇ ୧୯୯ ରନର ଲକ୍ଷ୍ୟକୁ ମାତ୍ର ୧୫.୪ ଓଭରରେ ୫ଟି ୱିକେଟ୍ ବାକି ଥାଇ ହାସଲ କରିନେଇଥିଲା। ସେହିପରି ଗୋଆ ବିପକ୍ଷ ତୃତୀୟ ମୁକାବିଲାରେ ମଧ୍ୟ ସୂର୍ଯ୍ୟକୁମାର ଦ୍ରୁତ ବ୍ୟାଟିଂ କରି ୧୨ଟି ବଲରୁ ୨୫ ରନ୍ କରିଥିଲେ। ଏହି ସମୟରେ ସେ ୩ଟି ଛକା ମାରିଥିଲେ। ମୁମ୍ବାଇ ଏହି ମୁକାବିଲାକୁ ୧୮ ରନରେ ଜିତି ନେଇଥିଲା।ଘରୋଇ କ୍ରିକେଟରେ ସୂର୍ଯ୍ୟକୁମାରଙ୍କ ଲଗାତାର ଭଲ ଇନିଂସ ସତ୍ତ୍ୱେ ବିସିସିଆଇ ସୂତ୍ରର ବୟାନରୁ ସ୍ପଷ୍ଟ ହେଉଛି ଯେ ବର୍ତ୍ତମାନ ଭାରତୀୟ ଦଳରେ ତାଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ ଚୟନକର୍ତ୍ତାମାନେ ବିଚାର କରୁନାହାନ୍ତି।

ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ : ବିଜୟ ପାଇଁ ଭାରତକୁ ୮ ୱିକେଟ୍ ଆବଶ୍ୟକ

ନୂଆଦିଲ୍ଲୀ, ୨୨।୧୧ : ଟେଷ୍ଟ ସିରିଜର ପ୍ରଥମ ମୁକାବିଲାରେ ଦମଦାର ସ୍ଥିତିରେ ରହିଛି ଭାରତ । ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ଦବଦବା ଜାହିର କରିଛି । ମୁକାବିଲାରେ ଚତୁର୍ଥ ଦିନର ଖେଳ ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡ ୨ ୱିକେଟ୍ ହରାଇ ୧୧୯ ରନ୍ କରିଛି । ଡେଭନ୍ କନୱେ ୫୯ ଏବଂ ରଚୀନ ରବୀନ୍ଦ୍ର ୨୬ ରନରେ ନଟଆଉଟ୍ ରହିଛନ୍ତି । ତଥାପି ଦଳ ଭାରତଠୁ ୨୩୩ ରନ୍ ପଛରେ ରହିଛି । ଏହାସହ ପରାଜୟ ଏଡାଇବାକୁ ଚେଷ୍ଟା କରୁଛି । ଭାରତକୁ ବିଜୟ ପାଇଁ ଆଉ ୮ ୱିକେଟ୍ ଦରକାର ରହିଛି । ଟିମ୍ ଇଣ୍ଡିଆ ପ୍ରଥମ ଇନିଂସରେ ୭୨୦ ରନର ବିଶାଳ ସ୍କୋର ଛିଡା କରିଛି । ପ୍ରଥମ ପାଳି ଆଧାରରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ୩୫୨ ରନରେ ଆଗୁଆ ରହିଥିଲା । ମ୍ୟାଚରେ ଶୁଭମନ୍ ଗିଲ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ । ଯାହା ଦଳ ପାଇଁ ବରଦାନ ସାବ୍ୟସ୍ତ ହୋଇଥିଲା । କିୱି ଟିମ୍ ପ୍ରଥମ ପାଳିରେ ୩୬୮ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଦ୍ୱିତୀୟ ପାଳିରେ କିୱି ଟିମର ଆରମ୍ଭ ଅତି ଖରାପ ଥିଲା । ଜସପ୍ରିତ ବୁମରା ଇନିଂସର ଦ୍ୱିତୀୟ ବଲରେ ଅଧିନାୟକ ଟମ୍ ଲାଥମଙ୍କୁ ଆଉଟ୍ କରିଥିଲେ । ସେ ଖାତା ଖୋଲିପାରିନଥିଲେ । ଏହାପରେ କନୱେ ଏବଂ ହେନରୀ ନିକୋଲାସ ସ୍ଥିତି ସମ୍ଭାଳି ୬୦ ରନର ପାର୍ଟନରସିପ୍ କରିଥିଲେ । ଏହାପରେ ହେନରୀଙ୍କୁ ୩୧ ରନରେ ପ୍ରସିଦ୍ଧ କ୍ରିଷ୍ଣା ଆଉଟ୍ କରିଥିଲେ । କିନ୍ତୁ ରଚୀନ ଏବଂ କନୱେ ଆଉ ୱିକେଟ୍ ହରାଇବାକୁ ଦେଇନଥିଲେ । ଦ୍ୱିତୀୟ ଦିନ ଅସମାପ୍ତ ଖେଳ ୧୫୯/୧ରୁ ଭାରତ



ନିଜର ତୃତୀୟ ଦିନର ବ୍ୟାଟିଂ ଆରମ୍ଭ କରିଥିଲା। କ୍ରିଜରେ କେଏଲ ରାହୁଲ ୫୨ ରନ ଓ ଦେବଦତ୍ତ ପାଡିକଲ ୧୬ ରନ କରି ଅପରାଜିତ ଥିଲେ। ଉଭୟ ବ୍ୟାଟର ତୃତୀୟ ଦିନରେ କିୱି ବୋଲରଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଏହି କ୍ରମରେ ପାଡିକଲ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ଦୁଇ ବ୍ୟାଟର ଦମଦାର ବ୍ୟାଟିଂ କରି ଦ୍ୱିତୀୟ ୱିକେଟ୍ ପାଇଁ ୧୬୫ ରନର ଯୋଡ଼ି ଭାରତର ସ୍ଥିତି ଆହୁରି ମଜବୁତ କରିଥିଲେ।ଦଳୀୟ ସ୍କୋର ୨୯୫ରେ ପାଡିକଲ ୮୦ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ଇନିଂସକୁ ଆଗକୁ ବଢାଇଥିଲେ କେଏଲ ରାହୁଲ ଓ ଅଧିନାୟକ ଶୁଭମନ ଗିଲ୍। ରାହୁଲ ନିଜର ଟେଷ୍ଟ କ୍ୟାରିୟରରେ ୧୩ତମ ଶତକ ହାସଲ କରିଥିଲେ। ଉଭୟ ତୃତୀୟ ୱିକେଟ୍ ଭାଗିଦାରୀରେ ୯୧ ରନ ଯୋଡ଼ିଥିଲେ। କେଏଲ ରାହୁଲ ୯ ଚୌକା ଓ ୨ ଛକା ବଳରେ ୧୩୬ ରନ କରି ଆଉଟ୍ ହୋଇଥିଲେ।

ଏହା ପରେ ଗିଲ୍ ଓ ଋଷଭ ପନ୍ତ ଦ୍ରୁତ ବ୍ୟାଟିଂ କରିଥିଲେ। ଦୁଇ ବ୍ୟାଟର ୧୦୦ ରନ ଯୋଡ଼ିବା ସହ ନିଜ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ତେବେ ଦିନର ଶେଷ ଓଭରରେ ଗିଲ୍ ଆଉଟ୍ ହେବା ଭାରତକୁ ବଡ଼ ଝଟକା ଦେଇଛି। ଗିଲ୍ ୯୮ ରନ କରି ଆଉଟ୍ ହେବା ସହ ଶତକରୁ ବଞ୍ଚିତ ହୋଇଥିଲେ। ଏହିପରି ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଭାରତ ୪୯ ୱିକେଟ୍ ହରାଇ ୪୮୬ ରନ କରିଥିଲା।ପନ୍ତ ଦିନିକିଆ ଶୈଳୀରେ ବ୍ୟାଟିଂ କରି ୬୨ ବଲରୁ ୫ ଚୌକା ଓ ୨ ଛକା ସହ ୫୫ ରନ କରି ଅପରାଜିତ ରହିଥିଲେ।ତେବେ ଚତୁର୍ଥ ଦିନରେ ପନ୍ତ ଶତକ ହାସଲ କରିଥିଲେ । ତାଙ୍କ ସହ ଧ୍ରୁବ ଜୁରେଲ ମଧ୍ୟ ଅର୍ଧଶତକୀୟ ପାଳି ଖେଳିଥିଲେ । ଫଳରେ ଦଳ୯ ୱିକେଟ୍ ହାରାଇ ୭୨୦ ରନର ବିଶାଳ ସ୍କୋର କରିପାରିଥିଲା ।

ଟେଲି ଅଭିନେତ୍ରୀଙ୍କୁ ବାରରେ ଅସଦାଚରଣ !

ଭୁବନେଶ୍ୱର: ରାଜଧାନୀରେ ଏକ ଅଭାବନୀୟ ଘଟଣା ଘଟିଛି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଏକ ପ୍ରତିଷ୍ଠିତ ବାର ଓ ରେଷ୍ଟୁରାଣ୍ଟରେ ଜଣେ ଟେଲି ଅଭିନେତ୍ରୀଙ୍କୁ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଛି। ଶନିବାର-ରବିବାର ରାତିରେ ଏହି ଘଟଣା ଘଟିଛି। ଅଭିନେତ୍ରୀ ଜଣକ ଫେସବୁକରେ ଏ ସମ୍ପର୍କରେ ପୋଷ୍ଟ କରି ଅଭିଯୋଗ କରିଛନ୍ତି। ସିଏମଓକୁ ମଧ୍ୟ ସେ ଟ୍ୟାଗ୍ କରିଛନ୍ତି। କିଛି ଅସାମାଜିକ ଯୁବକ ଦୁର୍ବ୍ୟବହାର ସହ ଅଶ୍ଳୀଳ ଇଙ୍ଗିତ କରିଥିବା କହିଛନ୍ତି। ଏଥିସହ ଯୁବତୀ ଜଣକ ଚନ୍ଦ୍ରଶେଖରପୁର ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିନେତ୍ରୀ ଜଣକ ଗତକାଲି ରାତିରେ ନିଜ ବନ୍ଧୁଙ୍କ ସହ ଯାଇଥିବା ବେଳେ ଅସଦାଚରଣର ଶିକାର ହୋଇଛନ୍ତି।ଅଭିନେତ୍ରୀ ଜଣକ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ରାତିରେ ମୁଁ ଯୌନ ଉତ୍ପୀଡ଼ନ ଓ ଅସଦାଚରଣର ଶିକାର ହୋଇଛି। ଏକ ଗୋଷ୍ଠୀର କିଛି ଯୁବକ ମୋ ସହ ଅଶ୍ଳୀଳ ବ୍ୟବହାର କରିଥିଲେ। ମୁଁ ଏହାର ବିରୋଧ କରିବାରୁ ପରିସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ହୋଇଯାଇଥିଲା। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ସେଠାରେ ନିୟୋଜିତ ବାଉନ୍ସର ଏବଂ ମ୍ୟାନେଜମେଣ୍ଟ ହସ୍ତକ୍ଷେପ କରିବା ପରିବର୍ତ୍ତେ ନିରବଦ୍ରଷ୍ଟା ସାଜିଥିଲେ। ଏହି ଘଟଣାକୁ ନେଇ ଥାନାରେ ଏତଲା କରାଯାଇଛି। ଅଭିଯୁକ୍ତମାନଙ୍କ ସହ ଏହି ଘଟଣାରେ ଦାୟିତ୍ୱହୀନତା ପ୍ରଦର୍ଶନ କରିଥିବା ମ୍ୟାନେଜମେଣ୍ଟ ବିରୋଧରେ ତୁରନ୍ତ ଓ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ମୁଁ ଦାବି କରୁଛି। ଯେଉଁ ପ୍ରତିଷ୍ଠାନ ମହିଳାଙ୍କୁ ସୁରକ୍ଷା ଯୋଗାବାରେ ବିଫଳ ହେଉଛି ଏବଂ ନିଜ ଉପସ୍ଥିତିରେ ଏଭଳି ଘଟଣା ଘଟିବାକୁ ଦେଉଛି, ସେଭଳି ପ୍ରତିଷ୍ଠାନକୁ ଶୀଘ୍ର ବନ୍ଦ କରାଯିବା ଉଚିତ। ଜନସାଧାରଣଙ୍କ ସୁରକ୍ଷା କୌଣସି ବିକଳ୍ପ ନୁହେଁ, ଏହା ଏକ ଅନିବାର୍ଯ୍ୟ ଦାୟିତ୍ୱ। ଏଭଳି ଚରମ ଅବହେଳା ପାଇଁ ଦୋଷୀମାନଙ୍କୁ ଉଚିତ୍ ଦଣ୍ଡ ମିଳିବା ଆବଶ୍ୟକ ବୋଲି ଅଭିନେତ୍ରୀ ଜଣକ ଉଲ୍ଲେଖ କରିଛନ୍ତି। ଏନେଇ ଚନ୍ଦ୍ରଶେଖରପୁର ଥାନା ଆଇଆଇସି ଗିରିଶ ଚନ୍ଦ୍ର ମହାରଣା କହିଛନ୍ତି, ଗତକାଲି ରାତିରେ ଘଟଣାକୁ ନେଇ ଏତଲା ହୋଇଛି। ଅସଦାଚରଣ ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ଆମେ ନିରପେକ୍ଷ ତଦନ୍ତ କରୁଛୁ। ଘଟଣା ପଛର ସତ୍ୟାସତ୍ୟ ଜଣିବାକୁ ପ୍ରୟାସ ଚଳାଇଛୁ ବୋଲି ଆଇଆଇସି କହିଛନ୍ତି।

ପଞ୍ଚୁକରେ ସମର୍ପଣ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କର ତୀର୍ଥଯାତ୍ରା



ନୟାଗଡ, ୨୨/୧୧(ଆନିସ): ପବିତ୍ର କାର୍ତ୍ତିକ ପଞ୍ଚକ ବ୍ରତର ଦ୍ୱିତୀୟ ଦିବସରେ ସମର୍ପଣ ବୃଦ୍ଧାଶ୍ରମ ପରିଚାଳନା କମିଟିର ସଭାପତି ତଥା ନୟାଗଡ଼ ଜିଲ୍ଲାପାଳଙ୍କ ପରାମର୍ଶକ୍ରମେ ସମର୍ପଣ ବୃଦ୍ଧାଶ୍ରମ,ନୟାଗଡ଼ର ଅନ୍ତେବାସୀ ମାନଙ୍କୁ ନେଇ ଏକ ଛୋଟିଆ ତୀର୍ଥଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି।

ସମର୍ପଣ ସଂପାଦକ ସମାଜସେବୀ ଶ୍ରୀଧର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମର୍ପଣ ପରିଚାଳନା କମିଟିର ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ବରିଷ୍ଠ ସଦସ୍ୟ ମିହିର ରଂଜନ ନାୟକ ଓ ରୋଟାରୀ କ୍ଲବ୍ ସଭାପତି ବାସୁଦେବ ସାହୁ ଉପସ୍ଥିତ ଥିଲେ। ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼ର ପୂର୍ଣ୍ଣ ସହଯୋଗରେ ଏହି ପବିତ୍ର କାର୍ଯ୍ୟ ଅତି ସୁରୁଖୁରୁରେ ଅନୁଷ୍ଠିତ ହେ।ଇଥିଲ।।ସର୍ବପ୍ରଥମେ ବିଦ୍ୟାଳୟର ସ୍କାଉଟ୍ ଛାତ୍ର ମାନେ ଅନ୍ତେବାସୀ ମଉସା ମାଉସୀ ମାନଙ୍କୁ ଫୁଲ ଚନ୍ଦନ ଦେଇ ବନ୍ଦାପନା କରିଥିଲେ। ତାପରେ ପରିଦର୍ଶନ ଯାତ୍ରା ଆରମ୍ଭ ହୋଇଥିଲା।

ସ୍କାଉଟ୍ ଛାତ୍ର ମାନେ ଜେଜେବାପା ଜେଜେମାଆ ମାନଙ୍କୁ ସାଥିରେ ହାତଧରି ଗାଡି ଚଢିବାରେ ସହଯୋଗ କରିବା ସହିତ ମନ୍ଦିର ପାହଚ ଚଢିବା ଓ ଠାକୁର ଦର୍ଶନ କରିବାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପବିତ୍ର କାର୍ତ୍ତିକ ପଞ୍ଚକରେ ଓଡଗାଁର ଶ୍ରୀରଘୁନାଥ ମନ୍ଦିର, ଶରଣକୂଳର ଲଡୁବାବା ମନ୍ଦିର ଦର୍ଶନ କରି ଅନ୍ତେବାସୀ ମାନେ ବହୁତ ଖୁସି ବ୍ୟକ୍ତ କରିଥିଲେ। ରଘୁନାଥ ମନ୍ଦିର ଓ ଲଡୁବାବା ମନ୍ଦିର ପରିଚାଳନା କମିଟିର ସଦସ୍ୟ ମାନେ ଗହଳି ଭିତରେ ଠାକୁରଙ୍କ ଦର୍ଶନ କରେଇଦେବାରେ ସହଯୋଗ କରିଥିବାରୁ ଆଶ୍ରମ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଭାରତୀୟ ସଂସ୍କୃତି ପରମ୍ପରାକୁ ବଜାଇ ରଖିବା ପାଇଁ ଏହି ନିଆରା ପ୍ରୟାସକୁ ଜନ ସାଧାରଣ ପ୍ରସଂଶା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ ଗୁରୁଜନ ତଥା ଜେଜେବାପା ଜେଜେମାଆ ମାନଙ୍କ ସେବା କରିବାର ସୁଯୋଗ ପାଇଥିବା ବେଳେ ଅନ୍ତେବାସୀ ବୃଦ୍ଧ ମଉସା ମାଉସୀ ମାନେ ନାତିନାତୁଣୀ ମାନଙ୍କ ଠାରୁ ଦୂରେଇ ଥିବାର ଦୁଃଖକୁ ଲାଘବ କରିବାର ଏକ ଅବସର ପାଇଥିଲେ।।

ଫୁଲବାଣୀ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ପୁନଃରୁଦ୍ଧାର କାର୍ଯ୍ୟ ଜୋରଦାର

ଫୁଲବାଣୀ ୨୧/୧୧ (ଆନିସ): ଗତ ଅର୍ଣ୍ଣବ ବାତ୍ୟା ରେ ନଷ୍ଟ ହୋଇଥିବା ରାସ୍ତା, କଲ ଭର୍ଚ୍ଚ ସବୁର ଯୁଦ୍ଧ କାଳୀନ ଭିତ୍ତି ରେ ମାରାମର୍ତି କାର୍ଯ୍ୟ କରୁଛି ଫୁଲବାଣୀ ଗ୍ରାମ୍ୟ ନିର୍ମାଣ ବିଭାଗ ଜି ଉଦୟଗିରୀ ରାଇକିଆ ଟିକାବାଲି ଆଦି ବ୍ଲକ ଅଞ୍ଚଳ ରେ ନଷ୍ଟ ହୋଇଥିବା ରାସ୍ତା ଘାଟ ର ମାରାମତି ଶେଷ ପର୍ଯ୍ୟାୟ ରେ ପହଞ୍ଚିଛି । କେତେକ ଗମନା ଗମନ ଉପଯୋଗୀ ହୋଇଛି ସେହିପରି ପୋଲ ରେ ଲାଗିଥିବା ବଡ଼ ବଡ଼ ଗଛ କାଠି କୁଟା ଆଦି ସଫା କରିବାସହ ରକ୍ଷଣା ବେକ୍ଷଣ କରାଯାଉଛି ବିଭାଗୀୟ ଏସ ଇ, ଙ୍କ ନିର୍ଦେଶ ରେ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଉପସ୍ଥିତ



ଉପସ୍ଥିତ ରହି କାର୍ଯ୍ୟ କରୁଥିବା ଦେଖିବକୁ ମିଳିଛି ଅଧିକ୍ଷଣ ଯନ୍ତ୍ରୀ ଙ୍କ ନିଷ୍ଠା ପର ଉଦ୍ୟମ ଆନ୍ତରିକତା କାର୍ଯ୍ୟ ଦକ୍ଷତା ଓ ବିଶେଷ ଜ୍ଞାନ କୌଶଳ ଯୋଗୁଁ ମରାମତି କାର୍ଯ୍ୟ ଶୀଘ୍ର ସରି ପାରିଛି ଫଳରେ ଗମନା ଗମନ ଉପଯୋଗୀ ହେବା ଫଳରେ ଅଞ୍